## ସଂକ୍ଷେପରେ

### ନିର୍ବାଚନ ଦାୟିତ୍ୱରେ ଅବହେଳା, ୨ କର୍ମଚାରୀ ନିଲମ୍ବିତ

**୧୪ ଗାଡ଼ି ମାଲିକଙ୍କୁ ଗିରଫ ପରଓ୍ୱାନା ଜାରି**

ପୁରୀ ଅଫିସ,୧୮।୨: ନିର୍ବାଚନ ଦାୟିତ୍ୱରେ ଅବହେଳା ନିମନ୍ତେ ୨ଜଣ ସରକାରୀ କର୍ମଚାରୀଙ୍କୁ ଜିଲାପାଳ ନିଲମ୍ବନ କରିଛନ୍ତି। ନିଲମ୍ବନ ହୋଇଥିବା କର୍ମଚାରୀମାନେ ହେଲେ କଣାସ ବ୍ଲକର କଣପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ସହ ଶିକ୍ଷକ ସେଖ ନ୍ୟାମତୁଲ୍ଲା ଏବଂ ଗୋପ ତହସିଲର ଆରଆଇ ଜଗନ୍ନାଥ ବିଶ୍ୱାଳ। ନିଲମ୍ବନ ସମୟରେ ନ୍ୟାମତୁଲ୍ଲା କଣାସ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଏବଂ ଆରଆଇ ବିଶ୍ୱାଳ ଗୋପ ତହସିଲରେ କାର୍ଯ୍ୟ କରିବେ। ବିନା ଅନୁମତିରେ ସେମାନେ ମୁଖ୍ୟ କାର୍ଯ୍ୟାଳୟ ଛାଡ଼ିପାରିବେ ନାହିଁ ବୋଲି ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି। ନିମାପଡା ବିଡିଓଙ୍କ ସୁପାରିଶକୁ ଭିତ୍ତି କରି ଜିଲାପାଳ ସେମାନଙ୍କୁ ନିଲମ୍ବନ କରିଥିବା ସୂଚନା ମିଳିଛି। ସେହିପରି ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ନିମନ୍ତେ ଗାଡି ମୁତୟନରେ ଅବହେଳା କରିଥିବାରୁ ୧୪ଜଣ ଗାଡି ମାଲିକଙ୍କ ବିରୋଧରେ ଗିରଫ ପରଓ୍ୱାନା ଜାରି କରାଯାଇଛି । ଅନୁରୋଧ ପରେ ମଧ ସମ୍ପୃକ୍ତ ମାଲିକମାନେ ଗାଡି ମୁତୟନ ନ କରିବାରୁ ପୁରୀ ଜିଲାପାଳ ଜନପ୍ରତିନିଧି ଆଇନ-୧୯୫୧ର ଧାରା ୧୬୭ ଏବଂ ଓଡିଶା ଓମିନ ବସ୍ ଆଇନ ୧୯୮୪ର ଧାରା ୯ ଅନୁଯାୟୀ ପରଓ୍ୱାନା ଜାରି କରିଛନ୍ତି। ଏହି ଗିରଫ ପରଓ୍ୱାନା କାର୍ଯ୍ୟକାରୀ କରିବାକୁ ପୁରୀ ଓ ଖୋର୍ଦ୍ଧାର ଆରକ୍ଷୀ ଅଧୀକ୍ଷକ ଏବଂ ଡିସିପି, ଭୁବନେଶ୍ୱରଙ୍କୁ ଅବଗତ କରାଯାଇଛି ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇ। ଅପରପକ୍ଷେ ଶୁକ୍ରବାର ଦ୍ୱିତୀୟ ପର୍ଯ୍ୟାୟ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହୋଇଥିବା ନିମାପଡା ଓ ଗୋପ ବ୍ଲକରେ ୭୯.୧୬ ପ୍ରତିଶତ ମତଦାନ ହୋଇଛି। ସେଥିମଧ୍ୟରୁ ନିମାପଡା ବ୍ଲକରେ ୮୧.୬ ପ୍ରତିଶତ ମତଦାନ ହୋଇଥିବା ବେଳେ ଗୋପ ବ୍ଲକରେ ୭୬.୪୮ ପ୍ରତିଶତ ମତଦାନ ହୋଇଛି। ଉଭୟ ବ୍ଲକରେ ମତଦାନ ଶାନ୍ତିପୂର୍ଣ୍ଣ ହୋଇଥିବା ନେଇ ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

### ବାରଙ୍ଗରେ ୭୯ ପ୍ରତିଶତ ମତଦାନ

ବାରଙ୍ଗ, ୧୮।୨ (ଡି.ଏନ୍.ଏ.): ପଞ୍ଚାୟତ ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଶୁକ୍ରବାର ବାରଙ୍ଗ ବ୍ଲକ୍‌ର ୨୩୦ଟି ବୁଥରେ ସରିଛି। ତେବେ ୩୩ନଂ ଜୋନରେ କୁରାଙ୍ଗଶାସନର ବୁଥ ନଂ ୧୫ରେ ଏକ ମାମଲାରେ ପୋଲିସ କେତେଜଣ ବ୍ୟକ୍ତିଙ୍କୁ ଉଠାଇନେଇଥିବା ପ୍ରତିବାଦରେ ଭୋଟରମାନେ ଭୋଟ ବର୍ଜନ କରିଥିବାବେଳେ କୁରାଙ୍ଗପ୍ରଧାନ ପଞ୍ଚାୟତର ୧୧ନଂବୁଥ କୁରଣ୍ଟି ଗ୍ରାମରେ ପ୍ରିଜାଇଡିଂ ଅଫିସର ଭୋଟଗ୍ରହଣ ସରିବା ପରେ ତା' ଗାଡିରେ ଭୋଟବାକ୍ସ ନେବାକୁ ନେଇ ଚାପା ଉତ୍ତେଜନା ହୋଇଥିଲା। ଅନ୍ୟପଟେ ୩୨ନଂ ଜିଲା ପରିଷଦ ଜୋନରେ ବହୁ ଲୋକଙ୍କର ଭୋଟର ତାଲିକାରେ ନାମ ନ ଥିବାରୁ ଭୋଟ ଦେଇ ପାରିନାହାନ୍ତି। ୩୨ ଓ ୩୩ ନଂ. ଜୋନରେ ୭୯% ପୋଲିଂ ହୋଇଥିବା ବିଡିଓ ପ୍ରଭାକର ପଣ୍ଡା କହିଛନ୍ତି।

### ରମାଦେବୀରେ ଓଏସ୍‌ଏଚ୍‌ଇସି ଟିମ୍‌ର ଏକାଡେମିକ ଅଡିଟ୍

ଭୁବନେଶ୍ୱର,୧୮।୨(ବ୍ୟୁରୋ): ଓଡ଼ିଶା ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦ(ଓଏସ୍‌ଏଚ୍‌ଇସି)ର ଏକ ୪ଜଣିଆ ଟିମ୍ ଶୁକ୍ରବାର ରମାଦେବୀ ବିଶ୍ୱବିଦ୍ୟାଳୟର ଏକାଡେମିକ ଅଡିଟ କରିଛନ୍ତି। ପ୍ରଫେସର ସୁସ୍ମିତ କୁମାର ପାଣି, ପ୍ରଦୀପ କୁମାର ବେହେରା, ଶ୍ୱେତାଂଶୁ କୁମାର ରଥ ଏବଂ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଅତନୁ କୁମାର ପତିଙ୍କୁ ନେଇ ଗଠିତ ଏହି ଟିମ୍ ରମାଦେବୀରେ ୨ଦିନିଆ ଅଡିଟ ଆରମ୍ଭ କରିଛନ୍ତି। ପ୍ରଥମ ଦିନରେ ଏହି ଟିମ୍ ରମାଦେବୀ ବିଶ୍ୱ ବିଦ୍ୟାଳୟର କୁଳପତି ଅପରାଜିତା ଚୌଧୁରୀଙ୍କ ସହ ପ୍ରାରମ୍ଭିକ ଆଲୋଚନା କରିଛନ୍ତି। ଏହି ଅଡିଟ୍ ନାକ୍ ମାନ୍ୟତା ପାଇଁ ପ୍ରସ୍ତୁତିରେ ବିଶେଷ ସହାୟକ ହେବ ବୋଲି ଅପରାଜିତା କହିଛନ୍ତି। ପ୍ରଥମ ଥର ପାଇଁ ଓଏସ୍‌ଏଚ୍‌ଇସିର ଟିମ୍ ଏକାଡେମିକ ଅଡିଟ କରୁଛି, ଯାହାକି ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକର ଗ୍ରେଡ୍ ଏବଂ ର୍ୟାଙ୍କରେ ଉନ୍ନତି ଆଣିବାରେ ଲାଭବାନ ହେବ। ଏହା ବିଶେଷକରି ବିଶ୍ୱବିଦ୍ୟାଳୟର ପ୍ରତ୍ୟେକ ବିଭାଗକୁ ଅନୁଧାନ କରିବା ସହ ଏହାର ଗୁଣବତ୍ତା ସମ୍ପର୍କରେ ତଥ୍ୟ ସଂଗ୍ରହ କରିବା। ପ୍ରାଥମିକ ପର୍ଯ୍ୟାୟରେ ଏହି ଟିମ୍ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସମେତ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ, ସମ୍ବଲପୁର ଏବଂ ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂ ସହାୟକ ମହାବିଦ୍ୟାଳୟରେ ଅଡିଟ କରିବ। ଏ ସମସ୍ତ ଅଡିଟ ଫେବୃୟାରୀ ଶେଷ ସୁଦ୍ଧା ସାରିବାକୁ ଲକ୍ଷ୍ୟ ରଖାଯାଇଛି।

**୪ବର୍ଷରୁ କମ୍ ପିଲାଙ୍କ ପାଇଁ ହେଲ୍‌ମେଟ ବାଧ୍ୟତାମୂଳକ ପ୍ରସଙ୍ଗ**

# ‘ପିଲାଙ୍କ ସୁରକ୍ଷା ସଭିଙ୍କ ଦାୟିତ୍ୱ’

**ସେଣ୍ଟ୍ରାଲ୍ ମୋଟର ଭେହିକିଲ୍(୨ୟ ସଂଶୋଧନ) ନିୟମ, ୨୦୨୦ ଅନୁସାରେ ବାଇକ୍‌ରେ ଯାତ୍ରା କରୁଥିବା ୪ବର୍ଷରୁ କମ୍ ପିଲାଙ୍କ ପାଇଁ ଏବେ ହେଲ୍‌ମେଟ୍ ଏବଂ ସୁରକ୍ଷା ବେଲ୍‌ଟକୁ ବାଧ୍ୟତାମୂଳକ କରାଯାଇଛି। ବୁଧବାର କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରଣାଳୟ ପକ୍ଷରୁ ଏନେଇ ସୂଚନା ଦିଆଯାଇଛି। ୨ଚକିଆ ଯାନରେ ଯିବାବେଳେ ପିଲାଙ୍କ ପାଇଁ ହେଲ୍‌ମେଟ୍ ଏବଂ ସୁରକ୍ଷା ଜ୍ୟାକେଟ୍ ବାଧ୍ୟତାମୂଳକ କରାଯିବା ସହିତ ପିଲା ଯାତ୍ରା କରୁଥିବା ଗାଡ଼ିର ସର୍ବାଧିକ ବେଗ ଘଣ୍ଟାପ୍ରତି ୪୦ କିଲୋମିଟରରୁ ଅଧିକ ହେବ ନାହିଁ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏହି ନୂଆ ନିୟମ ୨୦୨୩ ଫେବୃୟାରୀ ୧୫ ତାରିଖରୁ ଲାଗୁ ହେବ। ନିୟମ ଉଲ୍ଲଂଘନ କଲେ ୧ହଜାର ଟଙ୍କା ଜରିମାନା ସହିତ ୩ ମାସ ପର୍ଯ୍ୟନ୍ତ ଲାଇସେନ୍ସ ରଦ୍ଦ କରାଯିବାର ନିୟମ ରହିଛି। କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରଣାଳୟର ଏହି ନିଷ୍ପତ୍ତିକୁ ବିଭିନ୍ନ ମହଲ୍‌ରୁ ସ୍ୱାଗତ କରାଯାଇଛି।**



### ନୂଆ ନିୟମ ସମସ୍ତେ ମାନିବା ଉଚିତ

ଦେଶରେ ଅଧିକାଂଶ ଲୋକ ଯିବା ଆସିବା ପାଇଁ ୨ଚକିଆ ଯାନ ବ୍ୟବହାର କରନ୍ତି। ତେବେ ବର୍ତ୍ତମାନ ଯେଉଁଭଳି ଭାବରେ ଦୁର୍ଘଟଣା ବଢ଼ିଚାଲିଛି, ତାକୁ ନଜରରେ ରଖିଲେ ବାଇକ୍‌ରେ ଯାତାୟାତ ସମୟରେ ସମସ୍ତେ ହେଲ୍‌ମେଟ୍ ପିନ୍ଧିବା ଦରକାର। ଆଜିର ଶିଶୁ କାଲିର ନାଗରିକ। ତେଣୁ ସେମାନଙ୍କ ସୁରକ୍ଷା ପାଇଁ କେନ୍ଦ୍ର ସଡ଼କ ମନ୍ତ୍ରଣାଳୟ ପକ୍ଷରୁ ପିଲାଙ୍କ ହେଲ୍‌ମେଟ୍ ପିନ୍ଧିବା ବାଧ୍ୟତାମୂଳକ ନିୟମକୁ ଆମେ ସମସ୍ତେ ମାନିବା ଉଚିତ୍।



**– ଦୀପକ କୁମାର ଓଝା, ଭୁବନେଶ୍ୱର**

### ଅଭିଭାବକ ମଧ ଟ୍ରାଫିକ୍ ନିୟମ ମାନନ୍ତୁ

ଛୋଟଛୋଟ ପିଲାଙ୍କ ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ। ୨ଚକିଆ ଯାନରେ ଯିବାବେଳେ ଛୋଟ ପିଲାଙ୍କ ପାଇଁ ହେଲ୍‌ମେଟ୍‌କୁ ବାଧ୍ୟତାମୂଳକ କରାଯିବା ନିଷ୍ପତ୍ତି କେନ୍ଦ୍ର ସରକାରଙ୍କ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କେବଳ ଏତିକି ନୁହେଁ, ସମସ୍ତ ଅଭିଭାବକ ମଧ ଟ୍ରାଫିକ୍ ନିୟମ ମାନି ଗାଡ଼ି ଚଳେଇବା ଆବଶ୍ୟକ। ୪ବର୍ଷରୁ କମ୍ ପିଲାଙ୍କ ପାଇଁ ହେଲ୍‌ମେଟ ବାଧ୍ୟତାମୂଳକ ନିୟମ ଲାଗୁ ହେବାପରେ ଟ୍ରାଫିକ୍ ପୋଲିସ ପକ୍ଷରୁ ମଧ ଉପଯୁକ୍ତ ଯାଞ୍ଚ କରିବାର ଆବଶ୍ୟକ ମଧ ରହିଛି।



**– ସନ୍ଧ୍ୟାବତୀ ପ୍ରଧାନ, ଅଧକ୍ଷା, ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ**

### ହେଲ୍‌ମେଟ ବାଧ୍ୟତାମୂଳକ ନିଷ୍ପତ୍ତି ସ୍ୱାଗତଯୋଗ୍ୟ

ଦେଶ ତଥା ରାଜ୍ୟରେ ସଡ଼କ ଦୁର୍ଘଟଣା ହାର ବୃଦ୍ଧି ପାଇବାରେ ଲାଗିଛି। ଏଥିରେ ବହୁ ଜୀବନ ଚାଲିଯାଉଛି। ବୟସ୍କଙ୍କ ସହ ଶିଶୁମାନେ ମଧ ଦୁର୍ଘଟଣାର ଶିକାର ହେଉଛନ୍ତି। ଭଲ ଭାବେ ଦୁନିଆ ଦେଖିବା ପୂର୍ବରୁ ସେମାନଙ୍କ ଜୀବନ ନଷ୍ଟ ହୋଇଯାଉଛି। ତେଣୁ ହେଲ୍‌ମେଟ୍ ସହିତ ସୁରକ୍ଷା ଜ୍ୟାକେଟ୍ ବାଧ୍ୟତାମୂଳକ କରାଯିବା ନିଷ୍ପତ୍ତି ଏକ ଭଲ ପଦକ୍ଷେପ। ଅଭିଭାବକମାନେ ମଧ ଶିଶୁଙ୍କ ସୁରକ୍ଷା ପ୍ରତି ଯତ୍ନବାନ ହେବା ଆବଶ୍ୟକ।



**– ଝୁନାରାଣୀ ସାହୁ, ଗୃହିଣୀ, ଭୁବନେଶ୍ୱର**

### ଫାଇବ୍ରୋଟିକ୍ ହେଲ୍‌ମେଟ୍ ସହାୟକ ହେବ

କେନ୍ଦ୍ର ସରକାରଙ୍କ ଏହା ଏକ ଉତ୍ତମ ଏବଂ ସ୍ୱାଗତଯୋଗ୍ୟ ପଦକ୍ଷେପ। ତେବେ ପିଲାମାନଙ୍କ ପାଇଁ କମ୍ ଓଜନର ହେଲ୍‌ମେଟ୍ ତିଆରି ହେବା ଆବଶ୍ୟକ। ସେମାନଙ୍କ ପାଇଁ ଫାଇବ୍ରୋଟିକ୍ ହେଲ୍‌ମେଟ୍ ବିଶେଷ ଉପଯୋଗୀ ହେବ। ଏହି ହେଲ୍‌ମେଟ୍ ବ୍ୟବହାର ଦ୍ୱାରା ପିଲାଙ୍କୁ ଅଧିକ ଓଜନ ସହିବାକୁ ପଡ଼ିବ ନାହିଁ ଏବଂ ଏହା ତାଙ୍କୁ ଦୁର୍ଘଟଣାରୁ ମଧ ରକ୍ଷା କରିବାରେ ବେଶ୍ ସହାୟକ ହେବ।



**– ଡାକ୍ତର ସ୍ୱର୍ଣ୍ଣଲତା ଦାସ, ସହକାରୀ ପ୍ରଫେସର (ଶିଶୁରୋଗ ବିଭାଗ)**

### ପୂର୍ବରୁ କାର୍ଯ୍ୟକାରୀ କରିବାର ଥିଲା

ବର୍ତ୍ତମାନର ଦୁର୍ଘଟଣାର ହାରକୁ ଦେଖିଲେ ଏହି ନିୟମ ବହୁ ପୂର୍ବରୁ କାର୍ଯ୍ୟକାରୀ କରିବାର ଥିଲା। ପୂର୍ବରୁ କେବଳ ବଡ଼ ଲୋକଙ୍କ ପାଇଁ ହେଲ୍‌ମେଟ୍ ପିନ୍ଧିବା ନିୟମ ଥିବାବେଳେ କୁନିକୁନି ପିଲାମାନେ ଦୁର୍ଘଟଣାର ଶିକାର ହେବାର ଆଶଙ୍କା ରହୁଥିଲା। ସରକାରଙ୍କ ଏହି ନିୟମକୁ ପ୍ରତ୍ୟେକ ଅଭିଭାବକ ମାନିବା ଆବଶ୍ୟକ। ପିଲାଙ୍କ ସୁରକ୍ଷା ପାଇଁ ବେଗ କମ୍ ରଖି ନିରାପଦରେ ଯାତ୍ରା କରିବା ଉଚିତ।



**– ପ୍ରକାଶ ମହାରଣା, ରାୟଗଡ଼ା**

### ନିୟମ ଭାଙ୍ଗିଲେ ପ୍ରିଜାଇଡିଂ ଅଫିସର

ଖୋର୍ଦ୍ଧା ଅଫିସ/ ବେଗୁନିଆ,୧୮।୨(ଡି.ଏନ୍.ଏ.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ଅବାଧ, ମୁକ୍ତ ଏବଂ ସ୍ୱଚ୍ଛ ପାଇଁ ରାଜ୍ୟ ନିର୍ବାଚନ କମିଶନର ଗୁରୁତ୍ୱ ଦେଉଛନ୍ତି। ଶୃଙ୍ଖଳିତ ଭାବେ ମତଦାନ ଆୟୋଜନ ଲାଗି ସମସ୍ତ ବୁଥ୍‌ରେ ପୋଲିଂ ଅଫିସର, ପ୍ରିଜାଇଡିଂ ଅଫିସରଙ୍କୁ ନିୟୋଜିତ କରାଯାଇଛି। ଶୁକ୍ରବାର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ବେଳେ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ପଞ୍ଚାୟତର ୭ ନମ୍ବର ବୁଥ୍‌ରେ ଜଣେ ବୃଦ୍ଧାଙ୍କୁ ସହାୟତା ଆଳରେ ପ୍ରିଜାଇଡିଂ ଅଫିସର ନିଜେ ଭୋଟ ଦେଉଥିବା ଦେଖିବାକୁ ମିଳିଛି। ଏହି ଘଟଣା ପ୍ରଚାରିତ ହେବା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରାୟ ୧ଘଣ୍ଟା ଧରି ମତଦାନ ବନ୍ଦ ରହିଥିଲା। ଥାନା ଅଧିକାରୀ ଓ ଜିପିଓ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ସମ୍ପୃକ୍ତ ବୃଦ୍ଧା ଆଉଥରେ ମତ ସାବ୍ୟସ୍ତ କରିଥିଲେ। ପରେ ମତଦାନ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା। ସେହିପରି ସାରୁଆ ଓ ବାଘମାରୀ କେନ୍ଦ୍ରରେ ପ୍ରିଜାଇଡିଂ ଅଫିସର ଭୋଟରଙ୍କୁ ସହାୟତା ଆଳରେ ସେମାନେ କାହାକୁ ଭୋଟ ଦେଉଛନ୍ତି, ତାହାକୁ ନିରେଖି ଦେଖୁଥିବା ଅଭିଯୋଗ ଆସିଛି। ତେବେ ସମ୍ପୃକ୍ତ ଅଫିସର ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ମନୋଜ ପାଢ଼ୀ କହିଛନ୍ତି, ସମ୍ପୃକ୍ତ କେନ୍ଦ୍ରରେ ଆଖିକୁ ସ୍ପଷ୍ଟ ଭାବେ ଦେଖାଯାଉ ନ ଥିବା ଜଣେ ବୃଦ୍ଧା ଭୋଟ ଦେବାରେ ସହଯୋଗ ପାଇଁ ପ୍ରିଜାଇଡିଂ ଅଫିସରଙ୍କୁ ଅନୁରୋଧ କରିଥିଲେ। ସମ୍ପୃକ୍ତ ବୃଦ୍ଧାଙ୍କ ପୁଅଙ୍କ ଉପସ୍ଥିତିରେ ସେ ଭୋଟ ଦେଇଥିବା ଜଣାପଡିଛି। ପ୍ରିଜାଇଡିଂ ଅଫିସର କେବଳ ସହଯୋଗ କରିଥିଲେ। ବାଲଟ ପେପରକୁ ଭୋଟବାକ୍ସରେ ପକାଇ ନ ପାରିବାରୁ ସମ୍ପୃକ୍ତ ଅଫିସର ଜଣଙ୍କ ସହଯୋଗ କରିଥିଲେ। ଏଥିରେ କୌଣସି ବ୍ୟତିକ୍ରମ ହୋଇନାହିଁ।




### ନଦୀରୁ ବୃଦ୍ଧଙ୍କ ମୃତଦେହ ଜବତ

ବାରଙ୍ଗ,୧୮।୨(ଡି.ଏନ୍.ଏ.)

କଲ୍ୟାଣପୁର ଗାଁମୁଣ୍ଡ କୁଆଖାଇ ନଦୀରୁ ଶୁକ୍ରବାର ନନ୍ଦନକାନନ ଥାନା ପୋଲିସ ଜଣେ ବୃଦ୍ଧଙ୍କ ମୃତଦେହ ଜବତ କରିଛି। ବୃଦ୍ଧଙ୍କ ପରିଚୟ ଜଣାପଡ଼ି ନ ଥିବାବେଳେ ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ସୂଚନାଯୋଗ୍ୟ, ଶୁକ୍ରବାର ସକାଳେ ବେଣାଗାଡ଼ିଆ ଗ୍ରାମର ପ୍ରଫୁଲ୍ଲ ବେହେରା କଲ୍ୟାଣପୁର ଗାଁମୁଣ୍ଡ କୁଆଖାଇ ନଦୀକୁ ମାଛ ଧରିବାକୁ ଯାଇଥିଲେ। ନଦୀରେ ଏକ ମୃତଦେହ ଭାସୁଥିବା ଦେଖି ନିକଟରେ ଗାଧୋଇବାକୁ ଯାଇଥିବା ଗାଁ ଲୋକଙ୍କୁ ଡାକ ପକାଇଥିଲା। ଖବର ପାଇ ନନ୍ଦନକାନନ ଥାନା ଆଇଆଇସି ବିଶ୍ୱରଞ୍ଜନ ସେନାପତି ଘଟଣାସ୍ଥଳରେ ଟିମ୍ ସହ ପହଞ୍ଚି ମୃତଦେହ ଜବତ କରିଛି। ଉକ୍ତ ବ୍ୟକ୍ତି ନୀଳ ରଙ୍ଗର ଟି-ଶାର୍ଟ ପିନ୍ଧିଥିଲେ।













## ଦୀପକ କିଣ୍ଡୋଙ୍କ ୧୭.୧୦ କୋଟିର ବ୍ୟାଙ୍କ ଜମା ଅଚଳ

**ଶହେ କୋଟିରୁ ଊର୍ଦ୍ଧ୍ୱ ଋଣ ଜାଲିଆତି ମାମଲା**

**ୱାଣ୍ଟେଡ୍ ଘୋଷଣା କଲା ଇଓଡବ୍ଲ୍ୟୁ**

ଭୁବନେଶ୍ୱର,୧୮।୨(ବ୍ୟୁରୋ)

ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)କୁ ଋଣ ଦେବା ନାଁରେ ଜାଲ୍ କାଗଜପତ୍ର ଦେଇ ବିଭିନ୍ନ ବ୍ୟାଙ୍କରୁ ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଋଣ ଠକେଇ ମାମଲାରେ ସମ୍ବନ୍ଧ ଫିନ୍‌ସର୍ଭର ଏମ୍‌ଡି ଦୀପକ କିଣ୍ଡୋଙ୍କ ୬୧ଟି ବ୍ୟାଙ୍କ ଆକାଉଣ୍ଟକୁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ଅଚଳ କରିଦେଇଛି। ଦୀପକ ଏବେ ଫେରାର ଥିବାରୁ ତାଙ୍କୁ ୱାଣ୍ଟେଡ୍ ଘୋଷଣା କରାଯାଇଛି। ଅଚଳ ଆକାଉଣ୍ଟରେ ୧୭ କୋଟି ୧୦ ଲକ୍ଷ ୬୬ ହଜାର ୮୬୨ଟଙ୍କା ରହିଛି। ତାଙ୍କ ସମ୍ପର୍କରେ ସୂଚନା ଦେଲେ



ପୁରସ୍କାର ମିଳିବ ବୋଲି ଇଓଡବ୍ଲ୍ୟୁ କହିଛି। ସୂଚନା ଅନୁଯାୟୀ, ବିଭିନ୍ନ ଏସ୍‌ଏଚ୍‌ଜିକୁ ଋଣ ଦେବା ନାଁରେ ଜାଲ୍ କାଗଜପତ୍ର ଦେଇ ବିଭିନ୍ନ ବ୍ୟାଙ୍କରୁ ଦୀପକ ଓ ତାଙ୍କ ସ୍ତ୍ରୀ ଅମ୍ରିତା କିଣ୍ଡୋ ଋଣ ଆଣିଥିଲେ। ହେଲେ କୌଣସି ଋଣ ପ୍ରଦାନ ନ କରି ନିଜେ ଆତ୍ମସାତ କରୁଥିଲେ। ଏହିକ୍ରମରେ ସେମାନେ ଅନ୍ନପୂର୍ଣ୍ଣା ଫାଇନାନ୍ସରୁ ୫ କୋଟି ଟଙ୍କା ଓ ବିଭିନ୍ନ ବ୍ୟାଙ୍କରୁ ଶହେ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଋଣ ନେଇ ଠକେଇ କରିଥିଲେ। ଏ ସମ୍ପର୍କରେ ଅନ୍ନପୂର୍ଣ୍ଣା ଫାଇନାନ୍ସର ଅଭିଯୋଗକ୍ରମେ ଇଓଡବ୍ଲ୍ୟୁ ମାମଲା (ନଂ.୧୭/୨୦୨୧) ରୁଜୁ କରି ଦିବ୍ୟା ଡାଏରୀ ଏଗ୍ରୋ ପ୍ରୋସେସର ପ୍ରାଇଭେଟ୍ ଲିମିଟେଡର ଏମ୍‌ଡି ତଥା ଦୀପକଙ୍କ ସ୍ତ୍ରୀ ଅମ୍ରିତା କିଣ୍ଡୋଙ୍କୁ ପୂର୍ବରୁ ଗିରଫ କରିଛି। ଏହି ମାମଲାରେ ଦୀପକ ମୁଖ୍ୟ ଅଭିଯୁକ୍ତ ଥିବାରୁ ତାଙ୍କୁ ଧରିବାକୁ ଇଓଡବ୍ଲ୍ୟୁ ଚେଷ୍ଟା ଚଳାଇଛି। ପୂର୍ବରୁ ଏହି ଦମ୍ପତି ହାଇଦ୍ରାବାଦ, କର୍ଣ୍ଣାଟକର ବିଭିନ୍ନ ବ୍ୟାଙ୍କରୁ ଋଣ ଠକେଇ କରିଛନ୍ତି। ଗତବର୍ଷ ଦୀପକଙ୍କୁ ହାଇଦ୍ରାବାଦ ପୋଲିସ ଗିରଫ ମଧ କରିଥିଲା। ଏଥିସହ କର୍ଣ୍ଣାଟକ ପୋଲିସର ବିଭିନ୍ନ ଥାନାରେ ଏମାନଙ୍କ ବିରୋଧରେ ଏକାଧିକ ମାମଲା ରହିଛି। ଦୀପକ ଦେଶ ଛାଡ଼ିଯିବା ସମ୍ଭାବନା ଥିବାରୁ ସମସ୍ତ ଚେକ୍ ପୋଷ୍ଟ, ବନ୍ଦର, ଏୟାରପୋର୍ଟକୁ ଆଲର୍ଟ କରାଯାଇଛି। ତାଙ୍କ ନାଁରେ ଏକ ଲୁକ୍ ଆଉଟ୍ ସର୍କୁଲାର ନୋଟିସ ସମସ୍ତଙ୍କ ପାଖକୁ ପଠାଇ ଦିଆଯାଇଛି।

## ଅବସରପ୍ରାପ୍ତ ପୋଲିସ ଏଏସ୍‌ଆଇଙ୍କ ସମେତ ୨ ଗିରଫ

**ପୋଲିସ ପରିଚୟ ଦେଇ ଟଙ୍କା ଆଦାୟ କରୁଥିଲେ**

ଭୁବନେଶ୍ୱର,୧୮।୨(ବ୍ୟୁରୋ)

ପୋଲିସ ପରିଚୟ ଦେଇ ମିଛ ମାମଲାରେ ଫସାଇବାକୁ ଧମକାଇ ଲୋକଙ୍କଠାରୁ ଟଙ୍କା ଆଦାୟ କରୁଥିବା ୨ଜଣଙ୍କୁ ଲିଙ୍ଗରାଜ ଥାନା ପୋଲିସ ଓ ସ୍ପେଶାଲ ସ୍କ୍ୱାଡ୍ ଶୁକ୍ରବାର ଗିରଫ କରିଛି। ସେମାନେ ହେଲେ ଶହୀଦନଗର ଥାନାଞ୍ଚଳରେ ରହୁଥିବା ଅବସରପ୍ରାପ୍ତ ପୋଲିସ ଏଏସ୍‌ଆଇ ଜ୍ଞାନରଞ୍ଜନ ମହାନ୍ତି (୬୦) ଓ ନୟାପଲ୍ଲୀର କାହ୍ନୁଚରଣ ସାହୁ(୫୮)। ପୋଲିସ ଆଇପିସି ଦଫା ୩୯୪ ଓ ୯୪ରେ ମାମଲା (ନଂ. ୪୦/୨୦୨୨) ରୁଜୁ



କରି ସେମାନଙ୍କୁ କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ଜ୍ଞାନରଞ୍ଜନ ରାଜ୍ୟ ପୋଲିସର କମ୍ୟୁନେଶନ ବିଭାଗରୁ ଏଏସ୍‌ଆଇ ଭାବେ ନିକଟରେ ଅବସର ଗ୍ରହଣ କରିଛନ୍ତି। ସେ ସହଯୋଗୀ କାହ୍ନୁଚରଣଙ୍କ ସହ ଶହୀଦନଗର ଓ ସତ୍‌ସଙ୍ଗବିହାର ଅଞ୍ଚଳରେ ବୁଲାବୁଲି କରନ୍ତି। ଲୋକଙ୍କ କାର୍ଯ୍ୟକଳାପକୁ ଲକ୍ଷ୍ୟ କରିବା ସହ ସୁଯୋଗ ଦେଖି ଏକୁଟିଆ ଦେଖି ବାଇକରେ ପିଛା କରନ୍ତି। ସେମାନଙ୍କୁ ଅଟକାଇବା ପରେ ନିଜକୁ ପୋଲିସ ବା ସ୍ପେଶାଲ ସ୍କ୍ୱାଡ୍ କର୍ମଚାରୀ ଭାବେ ପରିଚୟ ଦେଇ ଭୟଭୀତ କରନ୍ତି। କେତେକ କ୍ଷେତ୍ରରେ ସେମାନଙ୍କୁ ଗିରଫ କରିବାକୁ ଧମକ ଦେଇ ଟଙ୍କାପଇସା ଲୁଟ୍ କରିଥାନ୍ତି। ନିକଟରେ ୨ ଅଭିଯୁକ୍ତ ନିଜକୁ ପୋଲିସ କର୍ମଚାରୀ କହି ମିଛ ମାମଲାରେ ଫସେଇ ଦେବାର ଧମକ ଦେଇ ଜଣେ ବ୍ୟକ୍ତିଙ୍କଠାରୁ ୮ ହଜାର ଟଙ୍କା ନେଇଯାଇଥିଲେ। ପୋଲିସ ଓ ସ୍ପେଶାଲ ସ୍କ୍ୱାଡ୍ ମିଳିତ ତଦନ୍ତ କରି ଅଭିଯୁକ୍ତ ଓ ବ୍ୟବହୃତ ଗାଡି ବିଷୟରେ ତଥ୍ୟ ହାସଲ କରିଥିଲା। ସେମାନଙ୍କୁ ଗିରଫ କରିବା ସହ ଗାଡ଼ିକୁ ମଧ ଜବତ କରାଯାଇଛି। ଅପରପକ୍ଷେ ଯଦି କୌଣସି ବ୍ୟକ୍ତି ଏହିପରି ଲୁଟ୍‌ର ଶିକାର ହୋଇଥାନ୍ତି, ତାହାହେଲେ ନିକଟ ଥାନା କିମ୍ବା କଣ୍ଟ୍ରୋଲ ରୁମ୍‌କୁ ଯୋଗାଯୋଗ କରି ତଥ୍ୟ ପ୍ରଦାନ କରିବା ପାଇଁ ଭୁବନେଶ୍ୱର ସହରାଞ୍ଚଳ ଜିଲା ପୋଲିସ ତରଫରୁ ନିବେଦନ କରାଯାଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୯ ଫେବୃୟାରୀ, ୨୦୨୨



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୮।୨।୨୦୨୨

| ୩,୭୫,୮୯୯ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ୬.୧୫୦ ଗ୍ରାମ |

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଶା ସାମାଜିକ ସଙ୍ଗଠନ ସମୂହ ପକ୍ଷରୁ ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ଇଂ.କିରଣ ଶଙ୍କର ସାହୁଙ୍କ ସ୍ମୃତିସଭା, ଲୋହିଆ ଭବନ ପରିସର, ପୂର୍ବାହ୍ନ ୧୧ଟା।

# ୨୯୮ ଅଭିଯୋଗର ଶୁଣାଣି

ଭୁବନେଶ୍ୱର, ୧୮।୨ (ବ୍ୟୁରୋ)

## ୨୪ରେ ଚୂଡ଼ାନ୍ତ ଭୋଟର ତାଲିକା




ପୌର ନିର୍ବାଚନ ପାଇଁ ଭୋଟର ତାଲିକା ପ୍ରକାଶ ପରେ ଏହାକୁ ନେଇ ଆପତ୍ତି ଅଭିଯୋଗ ସରିଛି। ବୁଧବାର ସୁଦ୍ଧା ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳର ଅସନ୍ତୋଷ ଭୋଟରମାନେ ସେମାନଙ୍କ ଆପତ୍ତି ଅଭିଯୋଗ ଦାଖଲ କରିବା ପରେ ଶୁକ୍ରବାର ଏହାର ଶୁଣାଣି ହୋଇଛି। ଭୁବନେଶ୍ୱର ନିର୍ବାଚନ ଅଧିକାରୀ ତଥା ଏଡିଏମ୍ ପ୍ରଫୁଲ୍ଲ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣାଣି କରାଯାଇଛି। ସମୁଦାୟ ୨୯୮ଟି ଅଭିଯୋଗ ଆସିଥିଲା। ଏସବୁର ଶୁଣାଣି ହେବା ପରେ ଏହାର ଡ୍ରାଫ୍ଟ ପ୍ରସ୍ତୁତ କରାଯିବ। ଆସନ୍ତା ୨୪ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ବୋଲି ଏଡିଏମ୍ ସ୍ୱାଇଁ ସୂଚନା ଦେଇଛନ୍ତି। ଯେଉଁ ତାଲିକା ପ୍ରଦାନ କରାଯାଇଥିଲା, ସେହି ଅନୁଯାୟୀ ଭୋଟରଙ୍କ ନାମ ତାଲିକାରେ ସ୍ଥାନ ପାଇଛି। ଏଥିରେ କୌଣସି ତ୍ରୁଟି ହୋଇନାହିଁ। ତେବେ ତାଲିକାରେ ଥିବା ସତ୍ତ୍ୱେ କାହାର ନାମ କଟି ଯାଇଥିଲେ ବା ୱାର୍ଡ ପରିବର୍ତ୍ତନ ହୋଇଥିଲେ, ତୁରନ୍ତ ଏହାର ସମାଧାନ କରାଯାଉଛି ବୋଲି ସେ କହିଛନ୍ତି। ପୌର ନିର୍ବାଚନ ପରିପ୍ରେକ୍ଷୀରେ ପ୍ରସ୍ତୁତ ନୂତନ ଭୋଟର ତାଲିକା ଅନୁଯାୟୀ, ଚଳିତବର୍ଷ ୭ଲକ୍ଷ ୨୭ ହଜାର ୪୫୬ଜଣ ଭୋଟର ଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ଭୋଟର ତାଲିକା ପ୍ରକାଶ ପାଇବା ପରେ ବିଭିନ୍ନ ୱାର୍ଡରେ ଅସନ୍ତୋଷ ଦେଖାଦେଇଥିଲା। କେତେକ ୱାର୍ଡରୁ ବହୁ ଭୋଟରଙ୍କ ନାମ ନ ଥିବା ଅଭିଯୋଗ ହୋଇଥିଲା। ଅନେକ ଭୋଟରଙ୍କର ୱାର୍ଡ ବଦଳିଯାଇଥିବା ମଧ୍ୟ ଜଣାପଡିଥିଲା। ଅଭିଯୋଗ ଉପରେ ପଦକ୍ଷେପ ନେବା ପାଇଁ ଏଡିଏମ୍‌ଙ୍କ କାର୍ଯ୍ୟାଳୟରେ ୯ଟି ଟିମ୍ ଏହି କାର୍ଯ୍ୟରେ ଲାଗିଥିଲେ।

## ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀ

ବାଲିପାଟଣା,୧୮।୨ (ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବାଲିପାଟଣା ବ୍ଲକ ଅନ୍ତର୍ଗତ ବାଗଲପୁର ଠାରେ ନୀଳାଚଳ ସାରସ୍ୱତ ସଂଘ, ପୁରୀ ତତ୍ତ୍ୱାବଧାନରେ ୭୧ତମ ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଠାକୁର ନିଗମାନନ୍ଦ ପରମହଂସ ଦେବଙ୍କ ସମାଜ ପାଇଁ ଏକ ମହାର୍ଘ୍ୟ ଅବଦାନ ବୋଲି ମତପ୍ରକାଶ ପାଇଥିଲା। ନୀଳାଚଳ ସାରସ୍ୱତ ସଂଘର ନିତ୍ୟ ପରିଚାଳକ ଭାଇ ଦୁର୍ଗାଚରଣ ପରିଚାଳନା କରିଥିଲେ। ଏହି ସମ୍ମିଳନୀରେ ଆଦର୍ଶ ଗୃହସ୍ଥ ଗଠନ, ସଂଘ ଶକ୍ତିର ପ୍ରତିଷ୍ଠା ଏବଂ ବ୍ରାହ୍ମଣ୍ୟ ଭାବେ ଜୀବ ସେବା କରିବା ଉପରେ ଆଲୋଚନା କରାଯାଇଥିଲା। ଏଥିସହ ସର୍ବଧର୍ମ ସମନ୍ୱୟ, ଅସାମ୍ପ୍ରଦାୟିକ ଭାବେ ଧର୍ମର ପ୍ରଚାର ଓ ବିଶ୍ୱରେ ଭ୍ରାତୃଭାବର ପ୍ରତିଷ୍ଠା ଏହି ସମ୍ମିଳନୀର ଉଦ୍ଦେଶ୍ୟ ବୋଲି ସଭାପତି ଗଗନେନ୍ଦ୍ର ମହାପାତ୍ର କହିଥିଲେ। ଅତିଥିଭାବେ ଦୂରଦର୍ଶନ ଓ ଅଲ୍ ଇଣ୍ଡିଆ ରେଡିଓର ପୂର୍ବତନ ନିର୍ଦ୍ଦେଶକ ଶାନ୍ତନୁ କୁମାର ରଥ, ପଣ୍ଡିତ ବୀରେନ୍ଦ୍ର ପଣ୍ଡା, କୃଷ୍ଣ କେଶବ ଷଡ଼ଙ୍ଗୀ ଓ ସରଣାରବିନ୍ଦ ଓଝା ଯୋଗଦେଇଥିଲେ। ପ୍ରବଚନ ଏବଂ ଗାୟିକା ଶାନ୍ତିଲତା ବାରିକଙ୍କ ସଙ୍ଗୀତ ଆଧାତ୍ମିକ ପରିବେଶ ସୃଷ୍ଟି କରିଥିଲା।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ପ୍ରଦ୍ୟୁମ୍ନ



@ ଅଂଶୁମାନ



@ ସୌମ୍ୟରଞ୍ଜନ



@ ଭରତ



@ ଅଭିମନ୍ୟୁ



@ ମଙ୍ଗରାଜ



ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଅସୀମ ବସୁ ଫାଉଣ୍ଡେଶନ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ଅସୀମ ନାଟ୍ୟ ଉତ୍ସବର ଶୁକ୍ରବାର ଶେଷ ସନ୍ଧ୍ୟାରେ ପରିବେଷିତ ନାଟକ 'ଦଶାବତାର'ର ଏକ ଦୃଶ୍ୟ।

# ଜଗତବାସୀଙ୍କୁ ଶିକ୍ଷା ଦେଲା 'ଦଶାବତାର'

ଭୁବନେଶ୍ୱର,୧୮।୨(ବ୍ୟୁରୋ)

ପୃଥିବୀର ନିରୀହ ଓ ଦୁର୍ବଳ ମଣିଷମାନେ ଯେବେ ସବଳ ଓ ଅସୁର ଶକ୍ତି ଦ୍ୱାରା ଅତ୍ୟାଚାରିତ ହୁଅନ୍ତି, ଭଗବାନ ବିଷ୍ଣୁ ଧରା ପୃଷ୍ଠରେ ଅବତାର ଗ୍ରହଣ କରି ଅସୁରଙ୍କ କବଳରୁ ମାନବ ଜାତିକୁ ଉଦ୍ଧାର କରିବା ସହ ଧର୍ମ ପ୍ରତିଷ୍ଠା କରନ୍ତି। ଭଗବାନ ବିଷ୍ଣୁ କଚ୍ଛପ ଅବତାର ବେଳେ କ୍ଷୀର ସମୁଦ୍ର ମନ୍ଥନ କରିଥିଲେ ଓ ବୁଦ୍ଧ ଅବତାରରେ 'କାମନା ହିଁ ଦୁଃଖର କାରଣ', 'କାମନାର ବିନାଶରେ ଦୁଃଖର ବିନାଶ' ବୋଲି ଜଗତବାସୀଙ୍କୁ ଶିକ୍ଷା ଦେଇଥିଲେ। ଦୁର୍ବଳ ଓ ଅସହାୟଙ୍କ ଉପରେ ସବଳ ଉଚ୍ଚବର୍ଗଙ୍କ ଅନ୍ୟାୟ ଆଚରଣ ଓ ଅତ୍ୟାଚାର ସୀମା ଲଙ୍ଘନ କଲେ, ଭଗବାନ ସ୍ୱୟଂ 'କଳକୀ' ରୂପରେ ଦଶମ ଅବତାର ଗ୍ରହଣ କରି ପାପୀ ଓ ପାପର ବିନାଶ କରିବେ। ଏଭଳି ସଚେତନତାରା ବାର୍ତ୍ତା ଦେଇଛି ନାଟକ 'ଦଶାବତାର'। ପାଲା, ଦାସକାଠିଆ, ଛଉ ଓ କଥକ ଭଳି ବଳିଷ୍ଠ ଓ ପାରମ୍ପରିକ ଲୋକକଳା ମାଧ୍ୟମରେ ନାଟକଟି ଗତିଶୀଳ। ଆଦ୍ୟକାଳରୁ ଏପର୍ଯ୍ୟନ୍ତ ଜୀବଜଗତର ଅଭ୍ୟୁଦୟ ଓ ମାନବଜାତିର ବିବର୍ତ୍ତନର କାହାଣୀ ଅସୀମ ଉତ୍ସବର ଦ୍ୱିତୀୟ ତଥା ଶେଷ ସନ୍ଧ୍ୟାର ଏହି ନାଟକ ମାଧ୍ୟମରେ ଦର୍ଶାଯାଇଛି। ବିଭିନ୍ନ ଯୁଗରେ ଭଗବାନ ବିଷ୍ଣୁ କିପରି ଭିନ୍ନ ଅବତାର ଗ୍ରହଣ କରି ଜୀବ ଓ ମାନବ ଜାତିକୁ ସଂକଟରୁ ଉଦ୍ଧାର କରିଛନ୍ତି, ତାହା ଦୃଶ୍ୟାଭିନୟ ସହ ପ୍ରଦର୍ଶିତ କରାଯାଇଛି। ଅଭିନୟରେ ବିଧାଂଶୁ, ସୋମ୍ୟା, ଅପୂର୍ବ, ଚନ୍ଦ୍ର, ଅଶୋକ, ବିଶ୍ୱଜିତ୍, ମୋନିଦୀପା, ପ୍ରିୟଙ୍କା, ଆଭା, ଶୁଭମ, ମନୋଜ ପ୍ରମୁଖ ଅଭିନୟରେ ଦର୍ଶକଙ୍କୁ ବାନ୍ଧି ରଖିଥିଲେ। ଏହି ଅବସରରେ ଅତିଥିମାନଙ୍କ ମଧ୍ୟରେ ଗାଳ୍ପିକ ନାଟ୍ୟକାର ଅରବିନ୍ଦ ରାୟ, ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ପ୍ରଦୀପ ବିଶ୍ୱାଳ, ଶତାବ୍ଦୀର କଳାକାର ପ୍ରତିଷ୍ଠାତା ଧୀର ମଲ୍ଲିକ, ନାଟ୍ୟକାର ଶଙ୍କର ତ୍ରିପାଠୀ ଉପସ୍ଥିତ ଥିଲେ। ଶ୍ରାବଣୀ ବସୁ ରାୟ ସଭା ପରିଚାଳନା କରିଥିଲେ।

## ଓଡ଼ିଶା ମୋ ପରିବାର ପକ୍ଷରୁ ରକ୍ତଦାନ ଶିବିର

ଭୁବନେଶ୍ୱର,୧୮।୨(ବ୍ୟୁରୋ)

ଓଡ଼ିଶା ମୋ ପରିବାର ଆନୁକୁଲ୍ୟରେ ଜୟ ଓଡ଼ିଶା ପକ୍ଷରୁ ଏକ ରକ୍ତଦାନ ଶିବିର ଶୁକ୍ରବାର ଶହୀଦନଗର ଦୁର୍ଗାପୂଜା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏକ ଭ୍ରାମ୍ୟମାଣ ଯାନ ମଧ୍ୟରେ ରକ୍ତଦାନ କାର୍ଯ୍ୟକ୍ରମ ସଂଚାଳିତ ହୋଇଥିବାବେଳେ ମୋଟ୍ ୮୪ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଆଗାମୀଦିନରେ ମଧ୍ୟ ଏଭଳି ରକ୍ତଦାନ ଶିବିରର ଆୟୋଜନ କରାଯିବ। ଅନ୍ୟାନ୍ୟ ସାମାଜିକ ସଂଗଠନ, ଶିକ୍ଷାନୁଷ୍ଠାନ, ଗୋଷ୍ଠୀ ସାମିଲ କରାଯାଇ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଏଭଳି ରକ୍ତଦାନ ଶିବିର କରାଯିବ ବୋଲି ଜୟ ଓଡ଼ିଶାର ସଭାପତି ରୁଦ୍ର ନାରାୟଣ ସାମନ୍ତରାୟ କହିଛନ୍ତି। ମୁଖ୍ୟ ଅତିଥି ଭାବେ ଓଡ଼ିଶା ମୋ ପରିବାରର ଆବାହକ ଅରୂପ ପଟ୍ଟନାୟକ ଯୋଗଦେଇଥିବା ବେଳେ ଉମାନାଥ ମିଶ୍ର, ନରେନ ସାହୁ, ପ୍ରକାଶ ତ୍ରିପାଠୀ ଓ ବିଭୁଦତ୍ତ ଦାସ ଯୋଗ ଦେଇଥିଲେ। ସତ୍ୟନଗର ମଶାଣିର କର୍ମଚାରୀମାନେ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିସହ ନିରନ୍ତର ସେବା ଯୋଗାଉଥିବା ଏହି କର୍ମଚାରୀମାନଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା।

## ସରପଞ୍ଚ ପ୍ରାର୍ଥୀଙ୍କୁ ଆକ୍ରମଣ, ଉତ୍ତେଜନା

କଣ୍ଟାପଡା, ୧୮।୨(ଡି.ଏନ୍.ଏ.): ଗୋବିନ୍ଦପୁର ଥାନା ଅନ୍ତର୍ଗତ ଡିମିରି ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ଅଭିଶେକ ମହାପାତ୍ରଙ୍କୁ ଶୁକ୍ରବାର ସନ୍ଧ୍ୟାରେ ଆକ୍ରମଣ କରାଯାଇଥିବା କଟକ ସଦର ଏସ୍‌ଡିପିଓଙ୍କ ନିକଟରେ ଅଭିଯୋଗ ହୋଇଛି। ଏସଡିପିଓ ସୁବାସ ଚନ୍ଦ୍ର ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଅଭିଯୋଗ ଅନୁଯାୟୀ, ସନ୍ଧ୍ୟାରେ ଅଭିଶେକ ଓ ସମିତିସଭ୍ୟା ପ୍ରାର୍ଥିନୀ ରୋଜାଲିନ ବେହେରା ଡିମିରି ଗ୍ରାମର ନାୟକସାହିରେ ପ୍ରଚାର କରୁଥିବାବେଳେ କେତେଜଣ ଯୁବକ ସେମାନଙ୍କୁ ଗାଳିଗୁଲଜ କରିଥିଲେ। ଜଣେ ଯୁବକ ବନ୍ଧୁକରେ ଅଭିଶେକଙ୍କ ଛାତିକୁ ଆକ୍ରମଣ କରିଥିଲେ। ଚିକିତ୍ସାଲାଗି ତାଙ୍କୁ ଅଡଶପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଏହି ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିବାବେଳେ ଶତାଧିକ ମହିଳାପୁରୁଷ ଅଡଶପୁରସ୍ଥିତ କଟକସଦର ଏସଡିପିଓଙ୍କ କାର୍ଯ୍ୟାଳୟରେ ପହଞ୍ଚି ଅଭିଯୁକ୍ତଙ୍କ ଗିରଫ ଦାବି କରିଥିଲେ। ଏସଡିପିଓ ପଣ୍ଡା କହିଛନ୍ତି, ଅଭିଯୋଗ ପାଇବାପରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛୁ। ଆଇନଶୃଙ୍ଖଳା ରକ୍ଷା ପାଇଁ ଡିମିରି, ଗୋପାଳ ନଗର ଓ କୁସୁନୁପୁର ଗ୍ରାମରେ ପାଟ୍ରୋଲିଂ କଡ଼ାକଡ଼ି କରାଯାଇଛି।

## ଏସ୍‌ସିବି ମେଡିକାଲରୁ ଦଲାଲ ଗିରଫ

### ଆଇସିୟୁ ବେଡ୍ ଯୋଗାଇଦେବାକୁ କହି ଟଙ୍କା ନେଇଥିଲେ

କଟକ ଅଫିସ,୧୮।୨: ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ଆଇସିୟୁ ବେଡ୍ ଯୋଗାଇଦେବାକୁ କହି ରୋଗୀ ସମ୍ପର୍କୀୟଙ୍କୁ ଟଙ୍କା ନେବା ଅଭିଯୋଗରେ ମଙ୍ଗଳାବାଗ ପୋଲିସ ଜଣେ ଦଲାଲଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ହେଲେ ଯୋବ୍ରା ମୁରାଦଖାଁପାଟଣାର ସୀମାଦ୍ରି ନାଏକ(୨୮)। ସେ ଏସ୍‌ସିବିରେ ଝାଡୁଦାର ଭାବେ କାର୍ଯ୍ୟ କରୁଥିଲେ। ବାଲେଶ୍ୱର ଜିଲା କଣ୍ଟାପଡା ଉତ୍ତର ଛକ ଗ୍ରାମର ନରେଶ ଦାସଙ୍କ ବଡବାପା ରୋଗରେ ଆକ୍ରାନ୍ତ ହୋଇ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ଏଠାରେ ସୀମାଦ୍ରି ଆଇସିୟୁ ବେଡ୍ ଯୋଗାଇଦେବା ପାଇଁ ନରେଶଙ୍କୁ ୬ ହଜାର ଟଙ୍କା ମାଗିଥିଲେ। ନରେଶ ପ୍ରଥମ ପର୍ଯ୍ୟାୟରେ ତାଙ୍କୁ ୧୫୦୦ ଟଙ୍କା ଦେଇଥିଲେ। ଏହାପରେ ସେ ଫେରାର ହୋଇଯାଇଥିଲେ। ଏ ନେଇ ନରେଶ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୫/୨୨) ରୁଜୁ କରିଛି।

# ଷ୍ଟ୍ରଙ୍ଗରୁମ୍ ପରିଦର୍ଶନରେ ଯାଇ ବିଡିଓ ହଟହଟା

କଣାସ,୧୮।୨(ସ୍ୱ.ପ୍ର.)



ଷ୍ଟ୍ରଙ୍ଗ୍ ରୁମ୍ ବାହାରେ ଦେଖାଦେଇଥିବା ଉତ୍ତେଜନା।

କଣାସ ବ୍ଲକର ୨୮ଟି ପଞ୍ଚାୟତର ୩, ୪, ୫ ନମ୍ବର ଜୋନର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସରିଯିବା ପରେ ଭୋଟ ବାକ୍ସଗୁଡିକ କଣାସ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ଷ୍ଟ୍ରଙ୍ଗରୁମର ୩ଟି ଗୃହରେ ପୃଥକ ଭାବେ ରଖାଯାଇ ବାହାରୁ ସିଲ କରାଯାଇ ବାହାରେ ପୋଲିସ ଜଗିରହିଛି। ହେଲେ ଶୁକ୍ରବାର କଣାସ ବିଡିଓ ତଥା ନିର୍ବାଚନ ଅଧିକାରୀ ଲୋଚନ ଦାସ, ପଞ୍ଚାୟତ ଅଧିକାରୀ(ଜିପିଓ) କୁମୁଦ ପଣ୍ଡା ଓ ସହକାରୀ ଯନ୍ତ୍ରୀ ଚନ୍ଦ୍ରମଣି ଖଟେଇ ପୂର୍ବାହ୍ନ ୧୧ଟାବେଳେ ଷ୍ଟ୍ରଙ୍ଗ ରୁମ୍ ପରିସରକୁ ଯାଇଥିଲେ। କିଛି ସମୟ ରହି ଫେରିବା ସମୟରେ ଜିପିଓ ପଣ୍ଡା ଗୋଟିଏ କାଗଜ ପେଟିରେ କିଛି କାଗଜପତ୍ର ଓ ଭୋଟ ବାଲଟ ପେପରରେ ଦିଆଯାଉଥିବା ଷ୍ଟାମ୍ପ ଧରିଥିଲେ। ଫଳରେ ଷ୍ଟ୍ରଙ୍ଗ ରୁମ ବାହାରେ ବିଭିନ୍ନ ପ୍ରାର୍ଥୀମାନଙ୍କର ରହିଥିବା କର୍ମୀମାନେ ନାନା ସନ୍ଦେହ କରି କାହିଁକି ଭିତରକୁ ଯାଇଥିଲେ ଓ ୨ ଘଣ୍ଟା ପରେ ଫେରିଲେ ଏବଂ କାଗଜପତ୍ର ଷ୍ଟାମ୍ପ ଧରି କ'ଣ କରୁଥିଲେ ଆଦି ନାନା ପ୍ରଶ୍ନ କରିଥିଲେ। ଏପରିକି ବାହାରେ ଥିବା ବିଭିନ୍ନ ପ୍ରାର୍ଥୀମାନଙ୍କ କର୍ମୀ ଏକଜୁଟ ହୋଇ ଏହି କଥାକୁ ନେଇ ଉତ୍ତେଜନା ପ୍ରକାଶ ପାଇବାରୁ ବିଡିଓ ଓ ଅଧିକାରୀମାନେ ବ୍ଲକକୁ ଚାଲିଯାଇଥିଲେ।

ଏ ସମ୍ପର୍କରେ କଣାସ ସରପଞ୍ଚ ପ୍ରାର୍ଥୀ ଭଗବାନ ସୁବୁଦ୍ଧି, ଗଡ଼ସାହି ସରପଞ୍ଚ ପ୍ରାର୍ଥୀ ବିଭୂତି ଭୂଷଣ ବେବର୍ତ୍ତା ପ୍ରମୁଖ ପୁରୀ ଜିଲାପାଳ ଓ ନିର୍ବାଚନ ଅଧିକାରୀଙ୍କୁ ଜଣାଇଛନ୍ତି। ଏ ନେଇ ବିଡିଓ ଲୋଚନ ଦାସ କହିଛନ୍ତି, ପୂର୍ବାହ୍ନ ୧୧ଟାରେ ଜିପିଓ, ସହକାରୀ ଯନ୍ତ୍ରୀଙ୍କୁ ନେଇ ଷ୍ଟ୍ରଙ୍ଗରୁମ ପରିଦର୍ଶନରେ ଯାଇଥିଲି। ୨୬, ୨୭ ତିନିଦିନ ଧରି କେଉଁ ଗୃହରେ କିଭଳି ଭୋଟ ଗଣତି ହେବ ଓ ବ୍ୟାରିକେଡ୍ ତିଆରି କରାଯିବ ସେ ବିଷୟରେ ଦେଖିଥିଲୁ। ଏପରିକି ସିଲ୍ ହୋଇଥିବା କୌଣସି ରୁମକୁ ନ ଯାଇ ବାହାରୁ ହିଁ ତଦାରଖ କରିଥିଲୁ। ପ୍ରାର୍ଥୀମାନେ ମିଥ୍ୟା ଅଭିଯୋଗ କରିଛନ୍ତି, ଷ୍ଟ୍ରଙ୍ଗରୁମ ଆଗରେ ସିସି କ୍ୟାମେରା ଲାଗିଛି, ଜିଲାପାଳ ଚାହିଁଲେ ଦେଖିପାରିବେ ବୋଲି ସେ କହିଥିଲେ। ସେହିଭଳି ଜିପିଓ ପଣ୍ଡା କହିଛନ୍ତି, ଉପରେ ଥିବା ୫ ନଂ.ଷ୍ଟ୍ରଙ୍ଗରୁମ ବାହାରୁ ଦେଖି ଫେରିବା ବେଳେ ବାହାରେ ଏକ ଡବା ପଡ଼ିଥିଲା, ସେଥିରେ କିଛି କାଗଜପତ୍ର ସହ ଷ୍ଟାମ୍ପ ପଡ଼ିଥିବା ଦେଖି ସେଠାରୁ ଉଠାଇ ବାହାରକୁ ନେଇ ଆସିଥିଲୁ। ସେଥିପାଇଁ ହିଁ ପ୍ରାର୍ଥୀମାନଙ୍କର ସନ୍ଦେହ ହୋଇଥିବା କହିଥିଲେ।

# ଲୋକସେବା ଭବନକୁ ସାଧାରଣ ଲୋକଙ୍କୁ ଛଡ଼ାଯାଉ

ଭୁବନେଶ୍ୱର,୧୮।୨(ବ୍ୟୁରୋ)

### ମୁଖ୍ୟମନ୍ତ୍ରୀଙ୍କୁ ଖୋଲା ଚିଠି

ଲୋକସେବା ଭବନକୁ ସାଧାରଣ ଲୋକ ଓ ଗଣମାଧ୍ୟମ ପ୍ରତିନିଧିଙ୍କୁ ଛଡ଼ା ଯାଉନାହିଁ। ଏନେଇ ସାମାଜିକ କର୍ମୀ ବାସୁଦେବ ଭଟ୍ଟ ଉଦ୍‌ବେଗ ପ୍ରକାଶ କରିବା ସହ ଖୋଲା ଚିଠି ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, କୋଭିଡ ଭୟାବହତା କମି ଯାଇଛି। ଶୁକ୍ରବାରଠାରୁ ରାତ୍ରିକାଳିନ କର୍ଫ୍ୟୁ ମଧ୍ୟ ଉଠି ଯାଇଛି। ଏହାପରେ ବି ଲୋକସେବା ଭବନକୁ ସାଧାରଣ ଲୋକଙ୍କ ପ୍ରବେଶ କଟକଣା ଜାରି ରହିଛି। ହେଲେ ଖଣି, ପାଣି, ଜଙ୍ଗଲ, ବିଦ୍ୟୁତ, ବାଲି, ଶିକ୍ଷା ଓ ବଡ଼ ବ୍ୟବସାୟ କରି ସରକାରଙ୍କୁ ଠକୁଥିବା ବ୍ୟକ୍ତିଙ୍କୁ ଲୋକସେବା ଭବନକୁ ଯିବାକୁ ଅନୁମତି ଦିଆଯାଉଥିଲେ ମଧ୍ୟ ଜନସାଧାରଣଙ୍କ ପାଇଁ କାମ କରୁଥିବା ଲୋକଙ୍କୁ କାହିଁକି ବାରଣ କରାଯାଉଛି? ଲୋକସେବା ଭବନ ଲୋକଙ୍କ ପାଇଁ, ମାତ୍ର ଏହା କେବଳ କିଛି ସରକାରୀ ଚାକିରିଆଙ୍କ ପାଇଁ ଉଦ୍ଦିଷ୍ଟ ଭଳି ମନେ ହେଉଛି। ସେମାନେ ଅଗଣତାନ୍ତ୍ରିକ ଭାବେ ପ୍ରଶାସନ ଓ ଶାସନ ବ୍ୟବସ୍ଥାକୁ କାବୁ କରି ନେଲେଣି। ଲୋକସେବା ଭବନକୁ ଜନସାଧାରଣ ଓ ସାମ୍ବାଦିକଙ୍କୁ ଛାଡ଼ନ୍ତୁ, ନଚେତ ଏହାର ନାମ ପରିବର୍ତ୍ତନ କରି ଚାକିରିଆ ଭବନ କରିଦିଆଯାଉ ବୋଲି ସେ କହିଛନ୍ତି।



ଶନିବାର ଓଡ଼ିଶା ଗସ୍ତରେ ଆସୁଥିବା ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ରହଣି ସ୍ଥଳ ପୁରୀସ୍ଥିତ ରାଜଭବନକୁ ସଜା ଯାଇଛି।



କଟକ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ସୂର୍ଯ୍ୟ ନମସ୍କାର ଓ ସମୂହ ଯୋଗ ଶିବିର।



ରାଷ୍ଟ୍ରପତିଙ୍କ ପୁରୀ ଗସ୍ତ ପାଇଁ ଜିଲା ପ୍ରଶାସନ ଆଇନ୍ ଉଲ୍ଲଂଘନ କରୁଥିବା ଅଭିଯୋଗ ଆଣି ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଶୁକ୍ରବାର ଉପଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଛି।

## ସଂକ୍ଷେପରେ

### ଦୀପକ କିଣ୍ଡୋଙ୍କ ୧୭.୧୦ କୋଟିର ବ୍ୟାଙ୍କ ଜମା ଅଚଳ

**ଶହେ କୋଟିରୁ ଊର୍ଦ୍ଧ୍ୱ ଋଣ ଜାଲିଆତି ମାମଲା**

**ଭୁବନେଶ୍ୱର,୧୮।୨(ବ୍ୟୁରୋ):** ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)କୁ ଋଣ ଦେବା ନାଁରେ ଜାଲ୍ କାଗଜପତ୍ର ଦେଇ ବିଭିନ୍ନ ବ୍ୟାଙ୍କରୁ ୧୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଋଣ ଠକେଇ ମାମଲାରେ ସମ୍ପୃକ୍ତ ଫିନ୍‌ସର୍ଭର ଏମ୍‌ଡି ଦୀପକ କିଣ୍ଡୋଙ୍କ ୬୧ଟି ବ୍ୟାଙ୍କ ଆକାଉଣ୍ଟକୁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ଅଚଳ କରିଦେଇଛି। ଦୀପକ କିଣ୍ଡୋ ଏବେ ଫେରାର ଥିବାରୁ ତାଙ୍କୁ ୱାଣ୍ଟେଡ୍ ଘୋଷଣା କରାଯାଇଛି। ଅଚଳ ହୋଇଥିବା ଆକାଉଣ୍ଟରେ ୧୭ କୋଟି ୧୦ ଲକ୍ଷ ୬୬ ହଜାର ୮୬୨ଟଙ୍କା ରହିଥିବା ନେଇ ସୂଚନା ମିଳିଛି। ଏଥିସହ ତାଙ୍କ ସମ୍ପର୍କରେ ସୂଚନା ଦେଲେ ପୁରସ୍କାର ମିଳିବ ବୋଲି ଇଓଡବ୍ଲ୍ୟୁ କହିଛି। ସୂଚନା ଅନୁଯାୟୀ, ବିଭିନ୍ନ ଏସ୍‌ଏଚ୍‌ଜିକୁ ଋଣ ଦେବା ନାଁରେ ଜାଲ୍ କାଗଜପତ୍ର ଦେଇ ବିଭିନ୍ନ ବ୍ୟାଙ୍କରୁ ଦୀପକ କିଣ୍ଡୋ ଓ ତାଙ୍କ ସ୍ତ୍ରୀ ଅମ୍ରିତା କିଣ୍ଡୋ ଋଣ ଆଣିଥିଲେ। ହେଲେ କୌଣସି ଋଣ ପ୍ରଦାନ ନ କରି ସେହି ଟଙ୍କାକୁ ନିଜେ ଆତ୍ମସାତ କରୁଥିଲେ। ଏହିକ୍ରମରେ ସେମାନେ ଅନ୍ନପୂର୍ଣ୍ଣା ଫାଇନାନ୍ସରୁ ୫ କୋଟି ଟଙ୍କା ଓ ବିଭିନ୍ନ ବ୍ୟାଙ୍କରୁ ଶହେ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଋଣ ନେଇ ଠକେଇ କରିଥିଲେ। ଏ ସମ୍ପର୍କରେ ଜଣାପଡ଼ିବା ପରେ ଅନ୍ନପୂର୍ଣ୍ଣା ଫାଇନାନ୍ସ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲା। ମାମଲା (ନଂ.୧୭/୨୦୨୧) ରୁଜୁ କରି ଇଓଡବ୍ଲ୍ୟୁ ଦିବ୍ୟା ଡାଏରୀ ଏଗ୍ରୋ ପ୍ରୋସେସର ପ୍ରାଇଭେଟ୍ ଲିମିଟେଡର ଏମ୍‌ଡି ତଥା ଦୀପକଙ୍କ ସ୍ତ୍ରୀ ଅମ୍ରିତା କିଣ୍ଡୋଙ୍କୁ ପୂର୍ବରୁ ଗିରଫ କରିଛି। ଏହି ମାମଲାରେ ଦୀପକ ମୁଖ୍ୟ ଅଭିଯୁକ୍ତ ଥିବାରୁ ତାଙ୍କୁ ଧରିବାକୁ ଇଓଡବ୍ଲ୍ୟୁ ଚେଷ୍ଟା ଚଳାଇଛି।

**୪ବର୍ଷରୁ କମ୍ ପିଲାଙ୍କ ପାଇଁ ହେଲ୍‌ମେଟ ବାଧ୍ୟତାମୂଳକ ପ୍ରସଙ୍ଗ**

# ‘ପିଲାଙ୍କ ସୁରକ୍ଷା ସଭିଙ୍କ ଦାୟିତ୍ୱ’

**ସେଣ୍ଟ୍ରାଲ୍ ମୋଟର ଭେହିକିଲ୍(୨ୟ ସଂଶୋଧନ) ନିୟମ, ୨୦୨୦ ଅନୁସାରେ ବାଇକ୍‌ରେ ଯାତ୍ରା କରୁଥିବା ୪ବର୍ଷରୁ କମ୍ ପିଲାଙ୍କ ପାଇଁ ଏବେ ହେଲ୍‌ମେଟ୍ ଏବଂ ସୁରକ୍ଷା ବେଲ୍‌ଟକୁ ବାଧ୍ୟତାମୂଳକ କରାଯାଇଛି। ବୁଧବାର କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରଣାଳୟ ପକ୍ଷରୁ ଏନେଇ ସୂଚନା ଦିଆଯାଇଛି। ୨ଚକିଆ ଯାନରେ ଯିବାବେଳେ ପିଲାଙ୍କ ପାଇଁ ହେଲ୍‌ମେଟ୍ ଏବଂ ସୁରକ୍ଷା ଜ୍ୟାକେଟ୍ ବାଧ୍ୟତାମୂଳକ କରାଯିବା ସହିତ ପିଲା ଯାତ୍ରା କରୁଥିବା ଗାଡ଼ିର ସର୍ବାଧିକ ବେଗ ଘଣ୍ଟାପ୍ରତି ୪୦ କିଲୋମିଟରରୁ ଅଧିକ ହେବ ନାହିଁ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏହି ନୂଆ ନିୟମ ୨୦୨୩ ଫେବୃୟାରୀ ୧୫ ତାରିଖରୁ ଲାଗୁ ହେବ। ନିୟମ ଉଲ୍ଲଂଘନ କଲେ ୧ହଜାର ଟଙ୍କା ଜରିମାନା ସହିତ ୩ ମାସ ପର୍ଯ୍ୟନ୍ତ ଲାଇସେନ୍ସ ରଦ୍ଦ କରାଯିବାର ନିୟମ ରହିଛି। କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରଣାଳୟର ଏହି ନିଷ୍ପତ୍ତିକୁ ବିଭିନ୍ନ ମହଲ୍‌ରୁ ସ୍ୱାଗତ କରାଯାଇଛି।**



### ନୂଆ ନିୟମ ସମସ୍ତେ ମାନିବା ଉଚିତ

ଦେଶରେ ଅଧିକାଂଶ ଲୋକ ଯିବା ଆସିବା ପାଇଁ ୨ଚକିଆ ଯାନ ବ୍ୟବହାର କରନ୍ତି। ତେବେ ବର୍ତ୍ତମାନ ଯେଉଁଭଳି ଭାବରେ ଦୁର୍ଘଟଣା ବଢ଼ିଚାଲିଛି, ତାକୁ ନଜରରେ ରଖିଲେ ବାଇକ୍‌ରେ ଯାତାୟାତ ସମୟରେ ସମସ୍ତେ ହେଲ୍‌ମେଟ୍ ପିନ୍ଧିବା ଦରକାର। ଆଜିର ଶିଶୁ କାଲିର ନାଗରିକ। ତେଣୁ ସେମାନଙ୍କ ସୁରକ୍ଷା ପାଇଁ କେନ୍ଦ୍ର ସଡ଼କ ମନ୍ତ୍ରଣାଳୟ ପକ୍ଷରୁ ପିଲାଙ୍କ ହେଲ୍‌ମେଟ୍ ପିନ୍ଧିବା ବାଧ୍ୟତାମୂଳକ ନିୟମକୁ ଆମେ ସମସ୍ତେ ମାନିବା ଉଚିତ୍।



**- ଦୀପକ କୁମାର ଓଝା, ଭୁବନେଶ୍ୱର**

### ଅଭିଭାବକ ମଧ୍ୟ ଟ୍ରାଫିକ୍ ନିୟମ ମାନନ୍ତୁ

ଛୋଟଛୋଟ ପିଲାଙ୍କ ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ। ୨ଚକିଆ ଯାନରେ ଯିବାବେଳେ ଛୋଟ ପିଲାଙ୍କ ପାଇଁ ହେଲ୍‌ମେଟ୍‌କୁ ବାଧ୍ୟତାମୂଳକ କରାଯିବା ନିଷ୍ପତ୍ତି କେନ୍ଦ୍ର ସରକାରଙ୍କ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କେବଳ ଏତିକି ନୁହେଁ, ସମସ୍ତ ଅଭିଭାବକ ମଧ୍ୟ ଟ୍ରାଫିକ୍ ନିୟମ ମାନି ଗାଡ଼ି ଚଳେଇବା ଆବଶ୍ୟକ। ୪ବର୍ଷରୁ କମ୍ ପିଲାଙ୍କ ପାଇଁ ହେଲ୍‌ମେଟ ବାଧ୍ୟତାମୂଳକ ନିୟମ ଲାଗୁ ହେବାପରେ ଟ୍ରାଫିକ୍ ପୋଲିସ ପକ୍ଷରୁ ମଧ୍ୟ ଉପଯୁକ୍ତ ଯାଞ୍ଚ କରିବାର ଆବଶ୍ୟକ ମଧ୍ୟ ରହିଛି।



**- ସନ୍ଧ୍ୟାବତୀ ପ୍ରଧାନ, ଅଧ୍ୟକ୍ଷା, ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ**

### ହେଲ୍‌ମେଟ ବାଧ୍ୟତାମୂଳକ ନିଷ୍ପତ୍ତି ସ୍ୱାଗତଯୋଗ୍ୟ

ଦେଶ ତଥା ରାଜ୍ୟରେ ସଡ଼କ ଦୁର୍ଘଟଣା ହାର ବୃଦ୍ଧି ପାଇବାରେ ଲାଗିଛି। ଏଥିରେ ବହୁ ଜୀବନ ଚାଲିଯାଉଛି। ବୟସ୍କଙ୍କ ସହ ଶିଶୁମାନେ ମଧ୍ୟ ଦୁର୍ଘଟଣାର ଶିକାର ହେଉଛନ୍ତି। ଭଲ ଭାବେ ଦୁନିଆ ଦେଖିବା ପୂର୍ବରୁ ସେମାନଙ୍କ ଜୀବନ ନଷ୍ଟ ହୋଇଯାଉଛି। ତେଣୁ ହେଲ୍‌ମେଟ୍ ସହିତ ସୁରକ୍ଷା ଜ୍ୟାକେଟ୍ ବାଧ୍ୟତାମୂଳକ କରାଯିବା ନିଷ୍ପତ୍ତି ଏକ ଭଲ ପଦକ୍ଷେପ। ଅଭିଭାବକମାନେ ମଧ୍ୟ ଶିଶୁଙ୍କ ସୁରକ୍ଷା ପ୍ରତି ଯତ୍ନବାନ ହେବା ଆବଶ୍ୟକ।



**- ଝୁନାରାଣୀ ସାହୁ, ଗୃହିଣୀ, ଭୁବନେଶ୍ୱର**

### ଫାଇବ୍ରୋଟିକ୍ ହେଲ୍‌ମେଟ୍ ସହାୟକ ହେବ

କେନ୍ଦ୍ର ସରକାରଙ୍କ ଏହା ଏକ ଉତ୍ତମ ଏବଂ ସ୍ୱାଗତଯୋଗ୍ୟ ପଦକ୍ଷେପ। ତେବେ ପିଲାମାନଙ୍କ ପାଇଁ କମ୍ ଓଜନର ହେଲ୍‌ମେଟ୍ ତିଆରି ହେବା ଆବଶ୍ୟକ। ସେମାନଙ୍କ ପାଇଁ ଫାଇବ୍ରୋଟିକ୍ ହେଲ୍‌ମେଟ୍ ବିଶେଷ ଉପଯୋଗୀ ହେବ। ଏହି ହେଲ୍‌ମେଟ୍ ବ୍ୟବହାର ଦ୍ୱାରା ପିଲାଙ୍କୁ ଅଧିକ ଓଜନ ସହିବାକୁ ପଡ଼ିବ ନାହିଁ ଏବଂ ଏହା ତାଙ୍କୁ ଦୁର୍ଘଟଣାରୁ ମଧ୍ୟ ରକ୍ଷା କରିବାରେ ବେଶ୍ ସହାୟକ ହେବ।



**- ଡାକ୍ତର ସ୍ୱର୍ଣ୍ଣଲତା ଦାସ, ସହକାରୀ ପ୍ରଫେସର (ଶିଶୁରୋଗ ବିଭାଗ)**

### ପୂର୍ବରୁ କାର୍ଯ୍ୟକାରୀ କରିବାର ଥିଲା

ବର୍ତ୍ତମାନର ଦୁର୍ଘଟଣାର ହାରକୁ ଦେଖିଲେ ଏହି ନିୟମ ବହୁ ପୂର୍ବରୁ କାର୍ଯ୍ୟକାରୀ କରିବାର ଥିଲା। ପୂର୍ବରୁ କେବଳ ବଡ଼ ଲୋକଙ୍କ ପାଇଁ ହେଲ୍‌ମେଟ୍ ପିନ୍ଧିବା ନିୟମ ଥିବାବେଳେ କୁନିକୁନି ପିଲାମାନେ ଦୁର୍ଘଟଣାର ଶିକାର ହେବାର ଆଶଙ୍କା ରହୁଥିଲା। ସରକାରଙ୍କ ଏହି ନିୟମକୁ ପ୍ରତ୍ୟେକ ଅଭିଭାବକ ମାନିବା ଆବଶ୍ୟକ। ପିଲାଙ୍କ ସୁରକ୍ଷା ପାଇଁ ବେଗ କମ୍ ରଖି ନିରାପଦରେ ଯାତ୍ରା କରିବା ଉଚିତ।



**- ପ୍ରକାଶ ମହାରଣା, ରାୟଗଡ଼ା**

### ଥାନା ଆଗରେ ଖଣ୍ଡାରେ ଆକ୍ରମଣ ଘଟଣା, ଜଣେ ଗିରଫ

**ବୋଲଗଡ଼,୧୮।୨(ଡି.ଏନ୍.ଏ.)**

ବୋଲଗଡ଼ ଥାନା ସମ୍ମୁଖରେ ୩ଜଣଙ୍କୁ ଖଣ୍ଡାରେ ଆକ୍ରମଣ କରିବା ଘଟଣାରେ ପୋଲିସ ଶୁକ୍ରବାର ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ଗୋବର୍ଦ୍ଧନପୁର ଗ୍ରାମର ଜ୍ୟୋତିରଞ୍ଜନ ନାୟକ ଓରଫ ମୁନା(୩୫)। ଜାମିନ ନାମଞ୍ଜୁର ପରେ ମୁନାଙ୍କୁ ଖୋର୍ଦ୍ଧା ଜେଲକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ଅନ୍ୟ ଦୁଇ ଅଭିଯୁକ୍ତ ଫେରାର ଥିବା ଥାନା ଅଧିକାରୀ ବିଦିତା ନାୟକ କହିଛନ୍ତି। ସୂଚନାଥାଉ କି, ବୁଧବାର ରାତିରେ ଥାନା ସମ୍ମୁଖରେ ଗୋବର୍ଦ୍ଧନପୁର ଗ୍ରାମର ବିଜୟ କୁମାର ପାହାଡ଼ସିଂହ, ସୁଦାମ ମାଝି ଓ ବୁଲୁ ପ୍ରଧାନଙ୍କୁ କେତେଜଣ ଦୁର୍ବୃତ୍ତ ସଂଘବଦ୍ଧ ଭାବେ ଗୋଡ଼ାଇ ଖଣ୍ଡାରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ୩ଜଣଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

### ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀ

**ବାଲିପାଟଣା,୧୮।୨(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବାଲିପାଟଣା ବ୍ଲକ ଅନ୍ତର୍ଗତ ବାଗଲପୁର ଠାରେ ନୀଳାଚଳ ସାରସ୍ୱତ ସଂଘ, ପୁରୀ ତତ୍ତ୍ୱାବଧାନରେ ୭୧ତମ ଉତ୍କଳ ପ୍ରାଦେଶିକ ଭକ୍ତ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନୀଳାଚଳ ସାରସ୍ୱତ ସଂଘର ନିତ୍ୟ ପରିଚାଳକ ଭାଇ ଦୁର୍ଗାଚରଣ ପରିଚାଳନା କରିଥିଲେ। ଏହି ସମ୍ମିଳନୀରେ ଆଦର୍ଶ ଗୃହସ୍ଥ ଗଠନ, ସଂଘ ଶକ୍ତିର ପ୍ରତିଷ୍ଠା ଏବଂ ବ୍ରାହ୍ମଣ୍ୟ ଭାବେ ଜୀବ ସେବା କରିବା ଉପରେ ଆଲୋଚନା କରାଯାଇଥିଲା। ଏଥିସହ ସର୍ବଧର୍ମ ସମନ୍ୱୟ, ଅସାମ୍ପ୍ରଦାୟିକ ଭାବେ ଧର୍ମର ପ୍ରଚାର ଓ ବିଶ୍ୱରେ ଭାତୃଭାବର ପ୍ରତିଷ୍ଠା ଏହି ସମ୍ମିଳନୀର ଉଦ୍ଦେଶ୍ୟ ବୋଲି ସଭାପତି ଗଗନେନ୍ଦ୍ର ମହାପାତ୍ର କହିଥିଲେ।





ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଗସ୍ତ ପରିପ୍ରେକ୍ଷୀରେ ଶୁକ୍ରବାର ପୁରୀରେ ପୋଲିସ ପକ୍ଷରୁ କାର୍‌କେଡ୍ ରିହର୍ସାଲ ଓ ରହଣି ସ୍ଥଳ ରାଜଭବନକୁ ସଜା ଯାଇଛି।

### ସଙ୍ଗୀତଜ୍ଞ ଗୋପାଳ, ଚିତ୍ରଶିଳ୍ପୀ ବଳଦେବ ସମ୍ବର୍ଦ୍ଧିତ

**ଖୋର୍ଦ୍ଧା ଅଫିସ,୧୮।୨:** ରାଜ୍ୟର ବିଶିଷ୍ଟ କ୍ରୀଡାବିତ୍ ଓ କଳାର ଉପାସକ ରାଧାଗୋବିନ୍ଦ ଦାସ ଓ ସଂଗ୍ରାହିକା ଶେଫାଳି ବାଳାଙ୍କ ଦ୍ୱିତୀୟ ପୁଣ୍ୟତିଥି ସ୍ଥାନୀୟ ଗୀତା ଗବେଷଣା ପରିଷଦ ପ୍ରେକ୍ଷାଗୃହରେ ଗୁରୁବାର ପାଳିତ ହୋଇଯାଇଛି। ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ସ୍ମୃତିସଭାରେ ଅଧ୍ୟକ୍ଷତା କରିଥିଲେ। ଭାଷାବିତ୍ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ଐତିହ୍ୟ, କଳା ସଂସ୍କୃତି ହେଉଛି ଗୋଟିଏ ଜାତିର ପରିଚୟ। ଏହାର ଉପଯୁକ୍ତ ସଂରକ୍ଷଣ କରା ନ ଗଲେ ଆଗାମୀ ପିଢି ପାଇଁ କିଛି ନ ଥିବ। ଐତିହ୍ୟ ସଂରକ୍ଷଣ ଦିଗରେ ଶେଫାଳି ସଂଗ୍ରହାଳୟ ଏକ ମାଇଲଖୁଣ୍ଟ। ଅତିଥି ଭାବେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ପୂର୍ବତନ ବିଧାୟକ ଡ.ଦିଲ୍ଲୀପ ଶ୍ରୀଚନ୍ଦନ , ଆଇନଜୀବୀ ଶକ୍ତିଶଙ୍କର ମିଶ୍ର ମତବ୍ୟକ୍ତ କରିଥିଲେ। ଐତିହାସିକ ନାରାୟଣ ରାଓ, କଥାକାର ଡ.ପଦ୍ମଜ ପାଳ ରାଧାଗୋବିନ୍ଦଙ୍କ ପଠନ ପିପାସା ଓ ଚିତ୍ରକଳା ପ୍ରୀତି ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବର୍ଷିୟାନ ଶାସ୍ତ୍ରୀୟ ସଙ୍ଗୀତ ସାଧକ ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡା ଓ ବିଶିଷ୍ଟ ଚିତ୍ରଶିଳ୍ପୀ ପ୍ରଫେସର ବଳଦେବ ମହାରଥାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗାୟିକା ସଙ୍ଗୀତା ପଣ୍ଡା ଓ ତାଙ୍କ ସାଥୀ ଦ୍ୱାରା ଭକ୍ତି ସଙ୍ଗୀତ ପରିବେଷଣ ମନ୍ତ୍ରମୁଗ୍ଧ କରିଥିଲା। ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।















### ରମାଦେବୀରେ ଓଏସ୍‌ଏଚ୍‌ଇସି ଟିମ୍‌ର ଏକାଡେମିକ ଅଡିଟ୍

**ଭୁବନେଶ୍ୱର,୧୮।୨(ବ୍ୟୁରୋ)**

ଓଡ଼ିଶା ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦ(ଓଏସ୍‌ଏଚ୍‌ଇସି)ର ଏକ ୪ଜଣିଆ ଟିମ୍ ଶୁକ୍ରବାର ରମାଦେବୀ ବିଶ୍ୱବିଦ୍ୟାଳୟରେ ଏକାଡେମିକ ଅଡିଟ କରିଛନ୍ତି। ପ୍ରଫେସର ସୁସ୍ମିତ କୁମାର ପାଣି, ପ୍ରଦୀପ କୁମାର ବେହେରା, ଶ୍ୱେତାଂଶୁ କୁମାର ରଥ ଏବଂ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଅତନୁ କୁମାର ପତିଙ୍କୁ ନେଇ ଗଠିତ ଏହି ଟିମ୍ ରମାଦେବୀରେ ୨ଦିନିଆ ଅଡିଟ ଆରମ୍ଭ କରିଛନ୍ତି। ପ୍ରଥମ ଦିନରେ ଏହି ଟିମ ରମାଦେବୀ ବିଶ୍ୱ ବିଦ୍ୟାଳୟର କୁଳପତି ଅପରାଜିତା ଚୌଧୁରୀଙ୍କ ସହ ପ୍ରାରମ୍ଭିକ ଆଲୋଚନା କରିଛନ୍ତି। ଏହି ଅଡିଟ୍ ନାକ୍ ମାନ୍ୟତା ପାଇଁ ପ୍ରସ୍ତୁତିରେ ବିଶେଷ ସହାୟକ ହେବ ବୋଲି ଅପରାଜିତା କହିଛନ୍ତି। ପ୍ରଥମ ଥର ପାଇଁ ଓଏସ୍‌ଏଚ୍‌ଇସିର ଟିମ୍ ଏକାଡେମିକ ଅଡିଟ କରୁଛି, ଯାହାକି ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକର ଗ୍ରେଡ୍ ଏବଂ ର୍‌ୟାଙ୍କରେ ଉନ୍ନତି ଆଣିବାରେ ଲାଭବାନ ହେବ। ଏହା ବିଶେଷକରି ବିଶ୍ୱବିଦ୍ୟାଳୟର ପ୍ରତ୍ୟେକ ବିଭାଗକୁ ଅନୁଧ୍ୟାନ କରିବା ସହ ଏହାର ଗୁଣବତ୍ତା ସମ୍ପର୍କରେ ତଥ୍ୟ ସଂଗ୍ରହ କରିବ। ପ୍ରାଥମିକ ପର୍ଯ୍ୟାୟରେ ଏହି ଟିମ୍ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସମେତ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ, ସମ୍ବଲପୁର ଏବଂ ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂ ସହାୟକ ମହାବିଦ୍ୟାଳୟରେ ଅଡିଟ କରିବ।

## ଅନ୍‌ଲାଇନ ପରୀକ୍ଷା ଦାବିରେ ରାସ୍ତାରୋକୋ

**ଖୋର୍ଦ୍ଧା ଅଫିସ,୧୮।୨**

ଅଫ୍‌ଲାଇନ ପରୀକ୍ଷାକୁ ବିରୋଧ କରି ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଶୁକ୍ରବାର କଲେଜ ଫାଟକ ଆଗରେ ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି। ପାଠ୍ୟକ୍ରମ ସରିନଥିବା ବେଳେ ଶିକ୍ଷା ବିଭାଗ ଅଫଲାଇନ ପରୀକ୍ଷା ଆୟୋଜନ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟରେ କରୋନା ଲହର ଜାରି ରହିଛି। ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷରେ କିଛି ମାସ ପାଇଁ କଲେଜ ଖୋଲିଲା। ତାହା ପୁଣି ବର୍ଷକର ପାଠ ଦୁଇ ମାସରେ ସାରିଦେଲେ। ପାଠପଢ଼ା ଠିକ୍‌ରେ କରାଯାଇନାହିଁ। ପରୀକ୍ଷା ପାଇଁ ପିଲାମାନେ ପ୍ରସ୍ତୁତ ହୋଇନଥିବା ବେଳେ ପରୀକ୍ଷା ଅଫଲାଇନରେ କରାଯିବ ବୋଲି ଘୋଷଣା କରିଛନ୍ତି। ଦୁଇ ବର୍ଷ ହେବ ଅନଲାଇନରେ କ୍ଲାସ ଚାଲିଥିବା ବେଳେ ପରୀକ୍ଷା ସମୟରେ ଅଫଲାଇନ ପରୀକ୍ଷା କାହିଁକି କରାଯିବ ବୋଲି ଛାତ୍ରୀଛାତ୍ର ମାନେ କହିଛନ୍ତି। ଶିକ୍ଷାବିଭାଗ ପିଲାଙ୍କ ଭବିଷ୍ୟତ ସହ ଖେଳୁଛନ୍ତି। ଅଫଲାଇନ ପରିବର୍ତ୍ତେ ଅନଲାଇନ ପରୀକ୍ଷା ଆୟୋଜନ କିମ୍ବା ପାଠ୍ୟକ୍ରମର ୫୦ପ୍ରତିଶତ ହ୍ରାସ କରାଯିବାକୁ ଦାବି କରିଛନ୍ତି।



ଛାତ୍ରୀଛାତ୍ରମାନେ ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି।

## ଅବସରପ୍ରାପ୍ତ ପୋଲିସ ଏଏସ୍‌ଆଇଙ୍କ ସମେତ ୨ ଗିରଫ

**ଭୁବନେଶ୍ୱର,୧୮।୨(ବ୍ୟୁରୋ)**

**ପୋଲିସ ପରିଚୟ ଦେଇ ଟଙ୍କା ଆଦାୟ କରୁଥିଲେ**

ପୋଲିସ ପରିଚୟ ଦେଇ ମିଛ ମାମଲାରେ ଫସାଇବାକୁ ଧମକାଇ ଲୋକଙ୍କଠାରୁ ଟଙ୍କା ଆଦାୟ କରୁଥିବା ୨ଜଣଙ୍କୁ ଲିଙ୍ଗରାଜ ଥାନା ପୋଲିସ ଓ ସ୍ପେଶାଲ ସ୍କ୍ୱାଡ୍ ଶୁକ୍ରବାର ଗିରଫ କରିଛି। ସେମାନେ ହେଲେ ଶହୀଦନଗର ଥାନାଞ୍ଚଳରେ ରହୁଥିବା ଅବସରପ୍ରାପ୍ତ ପୋଲିସ ଏଏସ୍‌ଆଇ ଜ୍ଞାନରଞ୍ଜନ ମହାନ୍ତି (୬୦) ଓ ନୟାପଲ୍ଲୀର କାହ୍ନୁଚରଣ ସାହୁ(୫୮)। ପୋଲିସ ଆଇପିସି ଦଫା ୩୯୪ ଓ ୯୪ରେ ମାମଲା (ନଂ. ୪୦/୨୦୨୨) ରୁଜୁ କରି ସେମାନଙ୍କୁ କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ଜ୍ଞାନରଞ୍ଜନ ରାଜ୍ୟ ପୋଲିସର କମ୍ୟୁନେଶନ ବିଭାଗରୁ ଏଏସ୍‌ଆଇ ଭାବେ ନିକଟରେ ଅବସର ଗ୍ରହଣ କରିଛନ୍ତି। ସେ ସହଯୋଗୀ କାହ୍ନୁଚରଣଙ୍କ ସହ ଶହୀଦନଗର ଓ ସତ୍‌ସଙ୍ଗବିହାର ଅଞ୍ଚଳରେ ବୁଲାବୁଲି କରନ୍ତି। ଲୋକଙ୍କ କାର୍ଯ୍ୟକଳାପକୁ ଲକ୍ଷ୍ୟ କରିବା ସହ ସୁଯୋଗ ଦେଖି ଏକୁଟିଆ ଦେଖି ବାଇକରେ ପିଛା କରନ୍ତି। ସେମାନଙ୍କୁ ଅଟକାଇବା ପରେ ନିଜକୁ ପୋଲିସ ବା ସ୍ପେଶାଲ ସ୍କ୍ୱାଡ୍ କର୍ମଚାରୀ ଭାବେ ପରିଚୟ ଦେଇ ଭୟଭୀତ କରନ୍ତି। କେତେକ କ୍ଷେତ୍ରରେ ସେମାନଙ୍କୁ ଗିରଫ କରିବାକୁ ଧମକ ଦେଇ ଟଙ୍କାପଇସା ଲୁଟ୍ କରିଥାନ୍ତି। ନିକଟରେ ୨ ଅଭିଯୁକ୍ତ ନିଜକୁ ପୋଲିସ କର୍ମଚାରୀ କହି ମିଛ ମାମଲାରେ ଫସେଇ ଦେବାର ଧମକ ଦେଇ ଜଣେ ବ୍ୟକ୍ତିଙ୍କଠାରୁ ୮ ହଜାର ଟଙ୍କା ନେଇଯାଇଥିଲେ। ପୋଲିସ ଓ ସ୍ପେଶାଲ ସ୍କ୍ୱାଡ୍ ମିଳିତ ତଦନ୍ତ କରି ଅଭିଯୁକ୍ତ ଓ ସେମାନଙ୍କ ଦ୍ୱାରା ବ୍ୟବହୃତ ଗାଡି ବିଷୟରେ ତଥ୍ୟ ହାସଲ କରିଥିଲା। ସେମାନଙ୍କୁ ଗିରଫ କରିବା ସହ ଅପରାଧରେ ବ୍ୟବହୃତ ଗାଡିକୁ ମଧ୍ୟ ଜବତ କରାଯାଇଛି। ପୋଲିସ ଘଟଣାରେ ଅଧିକ ତଦନ୍ତ ଚଳାଇଛି। ଅପରପକ୍ଷେ ଯଦି କୌଣସି ବ୍ୟକ୍ତି ଏହିପରି ଲୁଟ୍‌ର ଶିକାର ହୋଇଥାନ୍ତି, ତାହାହେଲେ ନିକଟ ଥାନା କିମ୍ବା କଣ୍ଟ୍ରୋଲ ରୁମ୍‌କୁ ଯୋଗାଯୋଗ କରି ତଥ୍ୟ ପ୍ରଦାନ କରିବା ପାଇଁ ଭୁବନେଶ୍ୱର ସହରାଞ୍ଚଳ ଜିଲା ପୋଲିସ ତରଫରୁ ନିବେଦନ କରାଯାଇଛି।

## ସଂକ୍ଷେପରେ

### ଗଣ୍ଡଗୋଳ: ଜଣେ ଆହତ

**ବେଗୁନିଆ,୧୮।୨(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ପୋଡ଼ାଡିହ ପଞ୍ଚାୟତ ଅଞ୍ଚଳରେ ଶୁକ୍ରବାର ରାଜନୈତିକ ହିଂସା ଘଟିଛି। ଏହି ପଞ୍ଚାୟତ ଅନ୍ତର୍ଗତ ଓସ୍ତପୁର ବୁଥ୍ ନିକଟ ରାସ୍ତାରେ ପୂର୍ବ ଶତ୍ରୁତାକୁ ନେଇ ଗଣ୍ଡଗୋଳ ହୋଇଥିଲା। ଏଥିରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ଏଥିଲାଗି ୨୫ ମିନିଟ୍ ଧରି ଭୋଟ୍ ଗ୍ରହଣ ବନ୍ଦ ରହିଥିଲା। ପୋଲିସ ପହଞ୍ଚିବା ପରେ ମତଦାନ ଜାରି ରହିଥିଲା। ଏନେଇ ବାଘମାରୀ ଥାନାରେ ଆହତ ବ୍ୟକ୍ତି ଜଣଙ୍କ ଅଭିଯୋଗ କରିଛନ୍ତି।

### ୪ ଦୋକାନରୁ ଚୋରି

**ବୋଲଗଡ଼,୧୮।୨(ଡି.ଏନ୍.ଏ.):** ବୋଲଗଡ଼ ଥାନା ନିକଟ ବସ୍‌ଷ୍ଟାଣ୍ଡ ବଜାରସ୍ଥିତ ୪ଟି ଦୋକାନର ତାଲା କାଟି ଦୁର୍ବୃତ୍ତମାନେ ସାମଗ୍ରୀ ଚୋରିକରି ନେଇଥିବା ନେଇ ଶୁକ୍ରବାର ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇଛି। ସୂଚନା ମୁତାବକ, ଗୁରୁବାର ରାତିରେ ଦୁର୍ବୃତ୍ତମାନେ ତାପସ ଦତ୍ତ ଓ ଅକ୍ଷୟ ଦେଓଙ୍କ ଇଲେକ୍ଟ୍ରି ଦୋକାନର ତାଲା କାଟି ସାମଗ୍ରୀ ଚୋରି କରିନେଇଛନ୍ତି। ସେହିପରି ଜଗନ୍ନାଥ ସୁବୁଦ୍ଧିଙ୍କ ଗ୍ୟାସ୍ ମରାମତି ଦୋକାନ, ଜିତେନ୍ଦ୍ର ପରିଜାଙ୍କ ହାର୍ଡୱାର ଦୋକାନ ତାଲା କାଟି ସାମଗ୍ରୀ ଚୋରି କରିନେଇଛନ୍ତି। ଦୋକାନର ତାଲା କଟାଯାଇ ତଳେ ପଡ଼ିଥିବା ଶୁକ୍ରବାର ଦେଖିବାକୁ ମିଳିଥିଲା। ଏ ନେଇ ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

### ଷ୍ଟ୍ରଙ୍ଗରୁମ୍ ପଛ ଫାଟକ ସିଲ୍ କଲା ପ୍ରଶାସନ

**ବୋଲଗଡ଼, ୧୮।୨(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକରେ ଗତ ୧୬ ତାରିଖରେ ପ୍ରଥମ ପର୍ଯ୍ୟାୟ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଶେଷ ହୋଇଛି। ମତଦାନ ପରେ ବାଲଟ ବାକ୍ସଗୁଡିକୁ ପୋଲିସ ପହରା ମଧ୍ୟରେ ବୋଲଗଡ଼ ପରମାନନ୍ଦ ମହାବିଦ୍ୟାଳୟର ଦ୍ୱିତୀୟ ମହଲାରେ ୩ଟି ଜୋନ୍ ଅନୁସାରେ ୩ଟି ଷ୍ଟ୍ରଙ୍ଗରୁମ୍‌ରେ ରଖାଯାଇଥିଲା। ସୁରକ୍ଷା ଦାୟିତ୍ୱରେ ଏକ ପ୍ଲାଟୁନ ପୋଲିସଫୋର୍ସ ମୁତୟନ ରହିଛନ୍ତି। କଲେଜ ଅଞ୍ଚଳରେ ୧୪୪ ଧାରା ଜାରି କରାଯାଇଛି। କଲେଜ ପଛପଟେ ଥିବା ଦୁଇଟି ଫାଟକ ସିଲ୍ ହୋଇ ନ ଥିବା ଦେଖିବାକୁ ମିଳିଥିଲା। ଏନେଇ ଶୁକ୍ରବାର ଅପରାହ୍ନରେ ଜଣେ ଜିଲା ପରିଷଦ ପ୍ରାର୍ଥୀ ଅଘଟଣ ଆଶଙ୍କା କରି ଅପରାହ୍ନରେ ବ୍ଲକ ନିର୍ବାଚନ ଅଧିକାରୀ ତଥା ବିଡିଓ ଧୋବେଇ ନାୟକଙ୍କୁ ଅବଗତ କରାଇଥିଲେ। ପରେ ବିଡିଓଙ୍କ ନିର୍ଦ୍ଦେଶକ୍ରମେ ତୁରନ୍ତ ଏହି ଦୁଇ ଫାଟକକୁ ସିଲ୍ କରାଯାଇଥିଲା।

### ଶିକ୍ଷାନୁଷ୍ଠାନରେ ଧର୍ମାନ୍ତରୀକରଣ ବନ୍ଦ ଦାବି

**ଖୋର୍ଦ୍ଧା ଅଫିସ,୧୮।୨:** ତାମିଲନାଡୁର ୧୭ବର୍ଷୀୟ ଛାତ୍ରୀ ଲାବଣ୍ୟାଙ୍କୁ ସ୍କୁଲ କର୍ମଚାରୀ ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରିବାକୁ ବାରମ୍ବାର ନିର୍ଯାତନା ଦେବାରୁ ସେ ଆତ୍ମହତ୍ୟା କରିଥିଲେ। ଏହାକୁ ବିରୋଧ କରିବା ସହ ଲାବନ୍ୟାକୁ ନ୍ୟାୟ ଦାବି ପାଇଁ ଏବିଭିପିର ରାଷ୍ଟ୍ରୀୟ ସମ୍ପାଦିକା ସୁଶ୍ରୀ ନିଧି ତ୍ରିପାଠୀ ଓ ୩୫କାର୍ଯ୍ୟକର୍ତ୍ତା ତାମିଲନାଡୁରେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ। ପୋଲିସ ସେମାନଙ୍କୁ ଗିରଫ କରିଛି। ଏହି ପରିପ୍ରେକ୍ଷୀରେ ଲାବନ୍ୟାକୁ ନ୍ୟାୟ ଓ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହିତ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଜେଲରୁ ମୁକୁଳାଇବା ଦାବିରେ ଶୁକ୍ରବାର ଏବିଭିପି ପକ୍ଷରୁ ଖୋର୍ଦ୍ଧା ସ୍ଥିତ ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଶିକ୍ଷାନୁଷ୍ଠାନଗୁଡିକରେ ଧର୍ମାନ୍ତରୀକରଣ ବନ୍ଦ କରିବା ପାଇଁ ଦାବି କରାଯାଇଛି। ଏହାର ସମାଧାନ ନ ହେଲେ ଆଗାମୀ ଦିନରେ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ। ବିକ୍ଷୋଭରେ ତରୁଣ ସାହୁ , ସୁଶ୍ରୀ ଦୀପ୍ତିମୟୀ ପ୍ରତିହାରୀ, ରାକେଶ ରୋଶନ ରାଜ, ରାକେଶ ସାହୁ, ସ୍ୱପ୍ନାଶ୍ରୀ ଦାସ, ମଧୁସ୍ମିତା ବେହେରା, ସମୀକ୍ଷା ସିଂ ପ୍ରମୁଖ ସାମିଲ ହୋଇଥିଲେ।

# ବାଣପୁରରେ ୬୮.୮୩, ବେଗୁନିଆରେ ୭୯.୧୧%

**ଖୋର୍ଦ୍ଧା ଅଫିସ/ବେଗୁନିଆ, ୧୮।୨(ଡିଏନ୍.ଏ.)**

ଖୋର୍ଦ୍ଧା ଜିଲାରେ ଶୁକ୍ରବାର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଶେଷ ହୋଇଛି। ଏହି ପର୍ଯ୍ୟାୟରେ ବାଣପୁର ଓ ବେଗୁନିଆ ବ୍ଲକରେ ଭୋଟ ଗ୍ରହଣ ହୋଇଥିଲା। କାଁ ଭାଁ ଅଶାନ୍ତି, ଉତ୍ତେଜନାକୁ ବାଦ୍ ଦେଲେ ମତଦାନ ଶାନ୍ତିଶୃଙ୍ଖଳାରେ ଶେଷ ହୋଇଛି। ବାଣପୁରରେ ୬୮.୮୩ ପ୍ରତିଶତ ଏବଂ ବେଗୁନିଆରେ ୭୯.୧୧% ମତଦାନ ହୋଇଛି। ବାଣପୁର ବ୍ଲକରେ ୭୨,୨୫୭ ଭୋଟର ମତାଧିକାର ସାବ୍ୟସ୍ତ କରିଛନ୍ତି। ସେଥିରୁ ପୁରୁଷ ୩୩,୪୧୧ ଓ ମହିଳା ୩୮,୮୪୬ ଜଣ ରହିଛନ୍ତି। ସେହିପରି ବେଗୁନିଆ ବ୍ଲକରେ ୮୬,୪୧୮ ଜଣ ମତାଧିକାର ସାବ୍ୟସ୍ତ କରିଥିଲେ। ସେଥିରୁ ପୁରୁଷ ୪୪,୪୭୨


ବେଗୁନିଆ ବ୍ଲକର ଏକ ବୁଥ୍‌ରେ ଭୋଟ ଦେବାକୁ ମତଦାତାଙ୍କ ଧାଡି।

ଓ ମହିଳା ୪୧,୯୪୬ ରହିଛନ୍ତି। ଉଭୟ ବ୍ଲକରେ ପୁରୁଷଙ୍କ ଅପେକ୍ଷା ମହିଳାଙ୍କ ମତଦାନ ହାର ଅଧିକ ରହିଛି। ଶୁକ୍ରବାର ସକାଳ ୭ଟାରୁ ମତଦାତାମାନେ ଭୋଟର କାର୍ଡ ବ୍ୟତୀତ ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ଜାରି ପରିଚୟପତ୍ର ଦେଖାଇ ମତସାବ୍ୟସ୍ତ କରିଥିଲେ। ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ବେଗୁନିଆ ବ୍ଲକର ବଡ଼ବେରଣା, ପୋଡ଼ାଡିହ, ସିମୋର ଆଦି ପଞ୍ଚାୟତର ଏକାଧିକ ବୁଥ୍ ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ବେଳେ ସ୍ଥାନୀୟ ତହସିଲଦାର, ବିଡିଓ, ସଦର ଏସ୍‌ଡିପିଓ, ବେଗୁନିଆ ଥାନା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ଖୋର୍ଦ୍ଧା ଜିଲାରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଶେଷ

ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି ବୋଲି ଜିଲାପାଳ କହିଛନ୍ତି। ମତଦାନ ପରେ ବାଲଟ ବାକ୍ସ ଓ ଜରୁରୀ କାଗଜପତ୍ରକୁ ସୁରକ୍ଷା ବଳୟ ମଧ୍ୟରେ ବ୍ଲକ କାର୍ଯ୍ୟାଳୟକୁ ସ୍ଥାନାନ୍ତର କରାଯାଇଛି। ଆଇନଶୃଙ୍ଖଳା ଦୃଷ୍ଟିରୁ ପୋଲିସ ମୁତୟନ ରହିଥିଲେ। ପ୍ରକାଶ ଯେ, ବାଣପୁର ବ୍ଲକର ୩ ଜିଲା ପରିଷଦ, ୧୭ ପଞ୍ଚାୟତର ସମିତିସଭ୍ୟ ଓ ସରପଞ୍ଚ ଏବଂ ୨୩୩ ୱାର୍ଡମେମ୍ବର ଆସନ ପାଇଁ ମତଦାନ ହୋଇଥିଲା। ସେହିପରି ବେଗୁନିଆ ବ୍ଲକର ୩ ଜିଲା ପରିଷଦ, ୨୧ ପଞ୍ଚାୟତର ସମିତିସଭ୍ୟ ଓ ସରପଞ୍ଚ ଏବଂ ୩୩୨ ୱାର୍ଡମେମ୍ବର ଆସନ ନିମନ୍ତେ ଭୋଟ ଗ୍ରହଣ କରାଯାଇଥିଲା।


ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଅସୀମ ବସୁ ଫାଉଣ୍ଡେଶନ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ଅସୀମ ନାଟ୍ୟ ଉତ୍ସବର ଶୁକ୍ରବାର ଶେଷ ସନ୍ଧ୍ୟାରେ ପରିବେଷିତ ନାଟକ 'ଦଶାବତାର'ର ଏକ ଦୃଶ୍ୟ।

### ଟ୍ରେନ୍‌ରୁ ଖସିପଡ଼ି ଫେରିବାଲାଙ୍କ ଗୋଡ଼ କଟିଲା

**ନିରାକାରପୁର,୧୮।୨(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁର ରେଳ ଷ୍ଟେଶନରେ ଶୁକ୍ରବାର ଟ୍ରେନ୍‌ରେ ଚଢୁଥିବା ବେଳେ ଖସିପଡ଼ି ଜଣେ ଫେରିବାଲା ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଭୂଷଣ୍ଡପୁର ଫାଣ୍ଡି ଅନ୍ତର୍ଗତ ମଠପାଟଣା ଅଭୟମୁଖୀ ସାହିର ଦିବାକର ସାହୁ ଓରଫ ଡାକ(୪୦)। ତାଙ୍କର ଡାହାଣ ଗୋଡ଼ କଟିଯାଇଛି। ଚିକିତ୍ସା ପାଇଁ ତାଙ୍କୁ ଏମ୍‌ସ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଦିବାକର ସବୁଦିନ ଏହି ଷ୍ଟେଶନରେ ବିଭିନ୍ନ ଟ୍ରେନ୍‌ରେ ଚଢ଼ି ଫେରି ବେପାର କରି ପରିବାର ପ୍ରତିପୋଷଣ କରିଥାନ୍ତି। ଶୁକ୍ରବାର ସକାଳେ ଭୁବନେଶ୍ୱରରୁ ବିଶାଖାପାଟଣା ଅଭିମୁଖେ ଯାଉଥିବା ଇଣ୍ଟରସିଟି ଏକ୍ସପ୍ରେସ୍‌ରେ ଚଢୁଥିବା ବେଳେ ହଠାତ୍ ତଳକୁ ଖସିପଡ଼ିଥିଲେ। ଫଳରେ ତାଙ୍କ ଡାହାଣ ଗୋଡ଼ କଟିଯାଇଥିବା ବେଳେ ବାମଗୋଡ଼ଟି ମଧ୍ୟ କ୍ଷତାକ୍ତ ହୋଇଛି। ତାଙ୍କୁ ତୁରନ୍ତ ଷ୍ଟେଶନ କର୍ମଚାରୀ ଓ ରେଲୱେ ପୋଲିସ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲ ପଠାଇଥିଲେ। ସେଠାରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଏମ୍‌ସ ମେଡିକାଲ ସ୍ଥାନାନ୍ତର କରାଯାଇଛି ବୋଲି ନିରାକାରପୁର ରେଲୱେ ଫାଣ୍ଡି ଅଧିକାରୀ ପରିକ୍ଷିତ ନାୟକ କହିଛନ୍ତି। ରେଳବିଭାଗ ପକ୍ଷରୁ ଦିବାକରଙ୍କୁ ସହାୟତା ଯୋଗାଇଦେବା ଲାଗି ସାଧାରଣରେ ଦାବି ହେଉଛି।

# ନିୟମ ଭାଙ୍ଗିଲେ ପ୍ରିଜାଇଡିଂ ଅଫିସର

**ଖୋର୍ଦ୍ଧା ଅଫିସ/ବେଗୁନିଆ, ୧୮।୨(ଡି.ଏନ୍.ଏ.)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ଅବାଧ, ମୁକ୍ତ ଏବଂ ସ୍ୱଚ୍ଛ ପାଇଁ ରାଜ୍ୟ ନିର୍ବାଚନ କମିଶନର ଗୁରୁତ୍ୱ ଦେଇଛନ୍ତି। ଶୃଙ୍ଖଳିତ ଭାବେ ମତଦାନ ଆୟୋଜନ ଲାଗି ସମସ୍ତ ବୁଥ୍‌ରେ ପୋଲିଂ ଅଫିସର, ପ୍ରିଜାଇଡିଂ ଅଫିସରଙ୍କୁ ନିୟୋଜିତ କରାଯାଇଛି। ଶୁକ୍ରବାର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ବେଳେ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ପଞ୍ଚାୟତର ୭ ନମ୍ବର ବୁଥ୍‌ରେ ଜଣେ ବୃଦ୍ଧାଙ୍କୁ ସହାୟତା ଆଳରେ ପ୍ରିଜାଇଡିଂ ଅଫିସର ନିଜେ ଭୋଟ ଦେଇଥିବା ଦେଖିବାକୁ ମିଳିଛି। ଏହି ଘଟଣା ପ୍ରଚାରିତ ହେବା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରାୟ ୧ଘଣ୍ଟା ଧରି ମତଦାନ ବନ୍ଦ ରହିଥିଲା। ଥାନା ଅଧିକାରୀ ଓ ଜିପିଓ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ସମ୍ପୃକ୍ତ ବୃଦ୍ଧା ଆଉଥରେ ମତ ସାବ୍ୟସ୍ତ କରିଥିଲେ। ପରେ ମତଦାନ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା। ସେହିପରି ସାରୁଅ ଓ ବାଘମାରୀ କେନ୍ଦ୍ରରେ ପ୍ରିଜାଇଡିଂ ଅଫିସର ଭୋଟରଙ୍କୁ ସହାୟତା ଆଳରେ ସେମାନେ କାହାକୁ ଭୋଟ ଦେଉଛନ୍ତି, ତାହାକୁ ନିରେଖି ଦେଖୁଥିବା ଅଭିଯୋଗ ଆସିଛି। ତେବେ ସମ୍ପୃକ୍ତ ଅଫିସର ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ମନୋଜ ପାତ୍ରୀ କହିଛନ୍ତି, ସମ୍ପୃକ୍ତ କେନ୍ଦ୍ରରେ ଆଖିକୁ ସ୍ପଷ୍ଟ ଭାବେ ଦେଖାଯାଉ ନ ଥିବା ଜଣେ ବୃଦ୍ଧା ଭୋଟ ଦେବାରେ ସହଯୋଗ ପାଇଁ ପ୍ରିଜାଇଡିଂ ଅଫିସରଙ୍କୁ ଅନୁରୋଧ କରିଥିଲେ। ସମ୍ପୃକ୍ତ ବୃଦ୍ଧାଙ୍କ ପୁଅଙ୍କ ଉପସ୍ଥିତିରେ ସେ ଭୋଟ ଦେଇଥିବା ଜଣାପଡିଛି। ପ୍ରିଜାଇଡିଂ ଅଫିସର କେବଳ ସହଯୋଗ କରିଥିଲେ। ବାଲଟ ପେପରକୁ ଭୋଟବାକ୍ସରେ ପକାଇ ନ ପାରିବାରୁ ସମ୍ପୃକ୍ତ ଅଫିସର ଜଣଙ୍କ ସହଯୋଗ କରିଥିଲେ। ଏଥିରେ କୌଣସି ବ୍ୟତିକ୍ରମ ହୋଇନାହିଁ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ପ୍ରଦ୍ୟୁମ୍ନ


@ ଅଂଶୁମାନ


@ ସୌମ୍ୟରଞ୍ଜନ


@ ଭରତ


@ ଅଭିମନ୍ୟୁ


@ ମଙ୍ଗରାଜ

# ୧୧୬୮ ପ୍ରାର୍ଥୀ, ୧.୧୧ ଲକ୍ଷ ଭୋଟର

**ଖୋର୍ଦ୍ଧା ଅଫିସ,୧୮।୨**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ୩ୟ ପର୍ଯ୍ୟାୟ ମତଦାନ ଲାଗି ଶୁକ୍ରବାର ପ୍ରଚାର ଅଭିଯାନ ଶେଷ ହୋଇଛି। ଏହି ପର୍ଯ୍ୟାୟରେ ଚିଲିକା ଓ ଖୋର୍ଦ୍ଧା ବ୍ଲକ ପାଇଁ ମତଦାନ ହେବ। ଶେଷଦିନରେ ସମସ୍ତ ପ୍ରାର୍ଥୀ ଜୋର୍‌ଦାର ପ୍ରଚାର କରିଛନ୍ତି। ଭୋଟରଙ୍କୁ ମନାଇବା ପାଇଁ ପ୍ରାର୍ଥୀମାନେ ଘରକୁ ଘର ବୁଲି ପ୍ରଚାର କରିଥିଲେ। ୱାର୍ଡମେମ୍ବର, ସରପଞ୍ଚ ଏବଂ ସମିତିସଭ୍ୟ ସମର୍ଥକଙ୍କ ସହ ବୁଲୁଥିବା ବେଳେ ଜିଲା ପରିଷଦ ପ୍ରାର୍ଥୀଙ୍କ ପାଇଁ ଦଳୀୟ ନେତା, କର୍ମୀ ପ୍ରଚାର କରିଥିଲେ। ଚିଲିକା ଓ ଖୋର୍ଦ୍ଧା ବ୍ଲକରେ ମୋଟ ୬ ଜିଲା ପରିଷଦ, ୩୯ ପଞ୍ଚାୟତର ସମିତିସଭ୍ୟ ଓ ସରପଞ୍ଚ, ୫୫୦ ୱାର୍ଡମେମ୍ବର ପାଇଁ ମତଦାନ ଅନୁଷ୍ଠିତ ହେବ। ସେଥିରୁ ଚିଲିକା ବ୍ଲକର ୩ ଜିଲା ପରିଷଦ, ୧୭ ପଞ୍ଚାୟତ ସମିତିସଭ୍ୟ ଓ ସରପଞ୍ଚ, ୨୨୫ ୱାର୍ଡମେମ୍ବର୍ର ଏବଂ ଖୋର୍ଦ୍ଧା ବ୍ଲକର ୩ ଜିଲା ପରିଷଦ, ୨୨ ପଞ୍ଚାୟତର ସମିତି ସଭ୍ୟ ଓ ସରପଞ୍ଚ, ୩୨୫ ୱାର୍ଡମେମ୍ବର ପାଇଁ ମତଦାନ ହେବ। ଚିଲିକା ବ୍ଲକର ୪୩ ସମିତିସଭ୍ୟ, ୫୬ ସରପଞ୍ଚ, ୩୨୭ ୱାର୍ଡମେମ୍ବର ଓ ୧୦ ଜିଲା ପରିଷଦ ଏବଂ ଖୋର୍ଦ୍ଧା ବ୍ଲକରେ ୮୨ ସମିତିସଭ୍ୟ, ୧୦୬ ସରପଞ୍ଚ, ୫୨୯ ୱାର୍ଡମେମ୍ବର, ୧୫ ଜିଲା ପରିଷଦ ମୋଟ ୧୧୬୮ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ। ଚିଲିକା ବ୍ଲକରେ ୯୬,୨୨୯ ଓ ଖୋର୍ଦ୍ଧା ବ୍ଲକରେ ୧,୧୧,୮୫୦ ଭୋଟର ସେମାନଙ୍କ ମତ ସାବ୍ୟସ୍ତ କରିବେ। ଚିଲିକା ବ୍ଲକର ୨୨୫ ବୁଥ୍‌ରେ ମତଦାନ ହେବ। ସେଥିରୁ ୪୩ ଅତିସମ୍ବେଦନଶୀଳ, ୮୩ ସମ୍ବେଦନଶୀଳ ଓ ୯୯ ସାଧାରଣ ବୁଥ୍ ରହିଛି। ଖୋର୍ଦ୍ଧା ବ୍ଲକରେ ୩୨୫ କେନ୍ଦ୍ରରେ ଭୋଟଗ୍ରହଣ ହେବ। ସେଥିରୁ ୧୦୨ ଅତିସମ୍ବେଦନଶୀଳ, ୯୬ ସମ୍ବେଦନଶୀଳ ଓ ୧୨୭ ସାଧାରଣ ବୁଥ୍ ରହିଛି। ଅନ୍ୟପଟେ ଦୁଇ ବ୍ଲକରେ ମତଦାନ ଲାଗି ପୋଲିଂ ଅଫିସରମାନେ ରିପୋର୍ଟିଂ ପରେ ସମ୍ପୃକ୍ତ ବୁଥ୍‌ରେ ପହଞ୍ଚି ସାରିଛନ୍ତି। ଦୁଇ ବ୍ଲକର ୫୫୦ ବୁଥ୍‌ରେ ମତଦାନ ହେବ। ତୃତୀୟ ପର୍ଯ୍ୟାୟ ଭୋଟ୍ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

### ୩ୟ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଚାର ଶେଷ

### ପ୍ରଚାର କରିବାକୁ ଯାଇ ବିଧାୟକ ହଟହଟା

**ଖୋର୍ଦ୍ଧା ଅଫିସ,୧୮।୨:** ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ମତଦାନ ପ୍ରକ୍ରିୟା ଜାରି ରହିଛି। ମତଦାନ ୩୬ଘଣ୍ଟା ପୂର୍ବରୁ ପ୍ରଚାର ଅଭିଯାନ ଶେଷ ହେବ। ଏନେଇ ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ଗାଇଡ୍‌ଲାଇନ ରହିଛି। ରବିବାର ତୃତୀୟ ପର୍ଯ୍ୟାୟରେ ଖୋର୍ଦ୍ଧା ଓ ବାଣପୁର ବ୍ଲକ ମତଦାନ ହେବ। ଶୁକ୍ରବାର ସନ୍ଧ୍ୟାରେ ଏଥିପାଇଁ ପ୍ରଚାର ଶେଷ ହୋଇଛି। ତେବେ ରାତିରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଦଳୀୟ ପ୍ରାର୍ଥୀଙ୍କ ପ୍ରଚାର ପାଇଁ ଦୁର୍ଗାପୁର ଓ ନନ୍ଦପୁର ପଞ୍ଚାୟତ ଯାଇଥିଲେ। ତେବେ ସେଠାରୁ ଫେରୁଥିବା ବେଳେ ଦଳୀୟ କର୍ମୀଙ୍କ ବିରୋଧର ଶିକାର ହୋଇ ହଟହଟା ହୋଇଛନ୍ତି। ମିଳିଥିବା ସୂଚନା ମୁତାବକ, ଦୁଇ ଜୋନ ପ୍ରାର୍ଥୀଙ୍କ ପ୍ରଚାର ପାଇଁ ବିଧାୟକ ମିତ୍ର ଉକ୍ତ ପଞ୍ଚାୟତର କେତେକ ଗ୍ରାମର ଲୋକଙ୍କ ସହ ଆଲୋଚନା କରିବାକୁ ଯାଇଥିଲେ। ତେବେ ନିର୍ଦ୍ଦିଷ୍ଟ ଜୋନର ପ୍ରାର୍ଥୀଙ୍କ ପାଇଁ ବିଧାୟକ ପ୍ରଚାର କରିବାକୁ ଆସିଥିବା ଖବରପାଇ କେତେଜଣ ଦଳୀୟ କର୍ମୀ ବିଜେଡି ସମର୍ଥିତ ପ୍ରାର୍ଥୀଙ୍କ ପାଇଁ ମଧ୍ୟ ପ୍ରଚାର କରିବାକୁ ବାଧ୍ୟ କରି ବିଧାୟକଙ୍କୁ ନିଜ ଅଞ୍ଚଳକୁ ନେଇଥିଲେ। ଫଳରେ ପ୍ରାୟ ଏକ ଘଣ୍ଟା ବିଧାୟକ ଦଳୀୟ କର୍ମୀଙ୍କ ଦ୍ୱାରା ରୋଷର ଶିକାର ହୋଇଥିବା ଚର୍ଚ୍ଚା ଯୋର ଧରିଛି। ଏ ସମ୍ପର୍କରେ ବିଧାୟକ ମିତ୍ରଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ପଞ୍ଚାୟତର ବିକାଶକୁ ଗୁରୁତ୍ୱ

**ଜଟଣୀ,୧୮।୨(ଡି.ଏନ୍.ଏ.)**



ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଗାଁ ରାଜନୀତି ସରଗରମ ରହିଛି। ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକର ୧୫ ପଞ୍ଚାୟତ ନିମନ୍ତେ ଆସନ୍ତା ୨୪ ତାରିଖରେ ଭୋଟ୍ ଗ୍ରହଣ କରାଯିବ। ଏହି ବ୍ଲକ ଅଧୀନ ହରିପୁର ପଞ୍ଚାୟତର ସମିତିସଭ୍ୟ ପ୍ରାର୍ଥୀ ଭାବେ ସାମାଜିକ କର୍ମୀ ତଥା ନାରୀନେତ୍ରୀ ଜୟନ୍ତୀ ଛୋଟରାୟ ଷ୍ଟୁଲ ଚିହ୍ନରେ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ଜୟନ୍ତୀ ରାଜନୈତିକ ପରିବାରରୁ ଆସିଥିବା ବେଳେ ତାଙ୍କ ସ୍ୱାମୀ ବିଜୟ ଛୋଟରାୟ ପୂର୍ବରୁ ଜଟଣୀ ନର୍ବାଚନମଣ୍ଡଳୀ ୭ନମ୍ବର ଜିଲାପରିଷଦ ସଭ୍ୟ ଥିଲେ। ପୂର୍ବରୁ ଜୟନ୍ତୀ ହରିପୁର ଓ ତରାବୋଇ ପଞ୍ଚାୟତରୁ ସମିତିସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ଜନହିତକର କାର୍ଯ୍ୟରେ ନିସ୍ୱାର୍ଥପର ସେବା ସହ ସରକାରଙ୍କ ସମସ୍ତ ଯୋଜନାକୁ ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବାରେ ଉଲ୍ଲେଖନୀୟ କାର୍ଯ୍ୟ କରି ଜୟନ୍ତୀ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଚଳିତ ନିର୍ବାଚନରେ ବିଜୟୀ ହେଲେ ଉନ୍ନତ ସ୍ୱାସ୍ଥ୍ୟସେବା ପାଇଁ ମେଡିକାଲ, ହାଟ, ଆଦର୍ଶ ବିଦ୍ୟାଳୟ, ଅରୁଗୁଳ ରେଳ ଫାଟକ ଉପରେ ପୋଲ ନିର୍ମାଣ କରିବେ ବୋଲି ଜୟନ୍ତୀ କହିଛନ୍ତି।


ତାମିଲନାଡୁର ଛାତ୍ରୀ ଲାବଣ୍ୟାଙ୍କୁ ନ୍ୟାୟ ଦାବିରେ ଶୁକ୍ରବାର ଏବିଭିପି ପକ୍ଷରୁ ଖୋର୍ଦ୍ଧାସ୍ଥିତ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।


କଟକ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ସୂର୍ଯ୍ୟ ନମସ୍କାର ଓ ସମୂହ ଯୋଗ ଶିବିର।


ରାଷ୍ଟ୍ରପତିଙ୍କ ପୁରୀ ଗସ୍ତ ବେଳେ ଜିଲା ପ୍ରଶାସନ ଆଇନ୍ ଉଲ୍ଲଂଘନ କରୁଥିବା ଅଭିଯୋଗ ଆଣି ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଶୁକ୍ରବାର ଉପଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଛି।

## ସଂକ୍ଷେପରେ

### ଆଚରଣବିଧି ଉଲ୍ଲଂଘନ ନେଇ କାରଣଦର୍ଶାଅ ନୋଟିସ ଜାରି

ଡେଲାଙ୍ଗ, ୧୮।୨(ଡି.ଏନ୍.ଏ.)
ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଜୟ ଲାଭ କରିବା ନିମନ୍ତେ ପ୍ରାର୍ଥୀମାନେ ଭୋଟ ହାତେଇବା ପାଇଁ ପ୍ରଚାର କରୁଛନ୍ତି । ଆସନ୍ତା ୨୨ ତାରିଖରେ ଡେଲାଙ୍ଗ ବ୍ଲକ ଅଞ୍ଚଳରେ ମତଦାନ ହେବ। ହେଲେ ଏହି ସମୟରେ ବ୍ଲକ ନିର୍ବାଚନ ଅଧିକାରୀ ତଥା ବିଡିଓଙ୍କୁ ଆଚରଣବିଧି ଉଲ୍ଲଂଘନ ନେଇ ଦୁଇଟି ଅଭିଯୋଗ ହୋଇଛି। ଗଡମୋଟରୀ ପଞ୍ଚାୟତର ଗଣ୍ଡପାଡରେ ଥିବା ଏସ୍ଏଚ୍ଜି ଗ୍ରୁପର ନିୟନ୍ତ୍ରଣରେ ଏକ ସରକାରୀ ଖୁଚୁରା ବିକ୍ରୟ କେନ୍ଦ୍ର ରହିଛି। ତାଙ୍କ ସ୍ୱାମୀ ଏହି କେନ୍ଦ୍ରକୁ ସଞ୍ଚାଳନା କରନ୍ତି, ଖୁଚୁରା ବିକ୍ରୟ କେନ୍ଦ୍ର ଅଧୀନରେ ଥିବା ରାଶନ କାର୍ଡ ହିତାଧିକାରୀଙ୍କୁ ବ୍ୟାଙ୍କ ଖାତା ଓ ରାଶନ କାର୍ଡର ନକଲ ମଗାଇବା ବାହାନାରେ ଅର୍ଥ କାରବାର କରାଇ ଭୋଟରଙ୍କୁ ନିର୍ଦ୍ଦିଷ୍ଟ ରାଜନୈତିକ ଦଳରୁ ପ୍ରାର୍ଥିତ୍ୱ କରୁଥିବା ପ୍ରାର୍ଥୀମାନଙ୍କୁ ଭୋଟ ଦେବା ପାଇଁ କହି ପ୍ରଭାବିତ କରାଉଛନ୍ତି ବୋଲି ଉକ୍ତ ପଞ୍ଚାୟତରୁ ସମିତିସଭ୍ୟ ପ୍ରାର୍ଥୀ ଉମାକାନ୍ତ ବେହେରା ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ନିର୍ବାଚନ ଅଧିକାରୀ ଖୁଚୁରା କେନ୍ଦ୍ର ଦାୟିତ୍ୱରେ ଥିବା ମିହିଳା ଗୋଷ୍ଠିର ସମ୍ପାଦିକାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ସେହିପରି ଗଡମୋଟରୀ ପଞ୍ଚାୟତରେ ଜଣେ ସରପଞ୍ଚ ପ୍ରାର୍ଥୀ ୧୮ତାରିଖ ଅପରାହ୍ନ ୨ଟାରେ ଦୁଇ ଜଣ ସମର୍ଥକଙ୍କୁ ସାଙ୍ଗରେ ନେଇ ଡୋର କ୍ୟାମ୍ପେନିଂ କରୁଥିଲେ । ୭ନମ୍ବର ୱାର୍ଡର ଭୋଟରଙ୍କୁ ନକଲି ବାଲଟ ପେପର ସହିତ ଟଙ୍କାଦେଇ ନିର୍ଦ୍ଦିଷ୍ଟ ଚିହ୍ନରେ ଭୋଟ ଦେବାପାଇଁ କହୁଥିଲେ। ଆଚରଣବିଧି ଉଲ୍ଲଂଘନ ନେଇ ବାଡୋଳ ଗ୍ରାମର ପ୍ରକାଶ ଭୋଇ ପ୍ରତିପକ୍ଷଙ୍କ ବିରୋଧରେ ନିର୍ବାଚନ ଅଧିକାରୀଙ୍କୁ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ପ୍ରାର୍ଥୀଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି।

**୪ବର୍ଷରୁ କମ୍ ପିଲାଙ୍କ ପାଇଁ ହେଲ୍ମେଟ ବାଧ୍ୟତାମୂଳକ ପ୍ରସଙ୍ଗ**

# 'ପିଲାଙ୍କ ସୁରକ୍ଷା ସଭିଙ୍କ ଦାୟିତ୍ୱ'

**ସେଣ୍ଟ୍ରାଲ୍ ମୋଟର ଭେହିକିଲ୍(୨ୟ ସଂଶୋଧନ) ନିୟମ, ୨୦୨୦ ଅନୁସାରେ ବାଇକ୍‌ରେ ଯାତ୍ରା କରୁଥିବା ୪ବର୍ଷରୁ କମ୍ ପିଲାଙ୍କ ପାଇଁ ଏବେ ହେଲ୍ମେଟ୍ ଏବଂ ସୁରକ୍ଷା ବେଲ୍ଟକୁ ବାଧ୍ୟତାମୂଳକ କରାଯାଇଛି। ବୁଧବାର କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରଣାଳୟ ପକ୍ଷରୁ ଏନେଇ ସୂଚନା ଦିଆଯାଇଛି। ୨ଚକିଆ ଯାନରେ ଯିବାବେଳେ ପିଲାଙ୍କ ପାଇଁ ହେଲ୍ମେଟ୍ ଏବଂ ସୁରକ୍ଷା ଜ୍ୟାକେଟ୍ ବାଧ୍ୟତାମୂଳକ କରାଯିବା ସହିତ ପିଲା ଯାତ୍ରା କରୁଥିବା ଗାଡ଼ିର ସର୍ବାଧିକ ବେଗ ଘଣ୍ଟାପ୍ରତି ୪୦ କିଲୋମିଟରରୁ ଅଧିକ ହେବ ନାହିଁ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏହି ନୂଆ ନିୟମ ୨୦୨୩ ଫେବୃୟାରୀ ୧୫ ତାରିଖରୁ ଲାଗୁ ହେବ। ନିୟମ ଉଲ୍ଲଂଘନ କଲେ ୧ହଜାର ଟଙ୍କା ଜରିମାନା ସହିତ ୩ ମାସ ପର୍ଯ୍ୟନ୍ତ ଲାଇସେନ୍ସ ରଦ୍ଦ କରାଯିବାର ନିୟମ ରହିଛି। କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରଣାଳୟର ଏହି ନିଷ୍ପତ୍ତିକୁ ବିଭିନ୍ନ ମହଲ୍‌ରୁ ସ୍ୱାଗତ କରାଯାଇଛି।**



### ନୂଆ ନିୟମ ସମସ୍ତେ ମାନିବା ଉଚିତ

ଦେଶରେ ଅଧିକାଂଶ ଲୋକ ଯିବା ଆସିବା ପାଇଁ ୨ଚକିଆ ଯାନ ବ୍ୟବହାର କରନ୍ତି। ତେବେ ବର୍ତ୍ତମାନ ଯେଭଳି ଭାବରେ ଦୁର୍ଘଟଣା ବଢ଼ିଚାଲିଛି, ତାକୁ ନଜରରେ ରଖିଲେ ବାଇକ୍‌ରେ ଯାତାୟାତ ସମୟରେ ସମସ୍ତେ ହେଲ୍ମେଟ୍ ପିନ୍ଧିବା ଦରକାର। ଆଜିର ଶିଶୁ କାଲିର ନାଗରିକ। ତେଣୁ ସେମାନଙ୍କ ସୁରକ୍ଷା ପାଇଁ କେନ୍ଦ୍ର ସଡ଼କ ମନ୍ତ୍ରଣାଳୟ ପକ୍ଷରୁ ପିଲାଙ୍କ ହେଲ୍ମେଟ୍ ପିନ୍ଧିବା ବାଧ୍ୟତାମୂଳକ ନିୟମକୁ ଆମେ ସମସ୍ତେ ମାନିବା ଉଚିତ୍।



**– ଦୀପକ କୁମାର ଓଝା, ଭୁବନେଶ୍ୱର**

### ଅଭିଭାବକ ମଧ୍ୟ ଟ୍ରାଫିକ୍ ନିୟମ ମାନନ୍ତୁ

ଛୋଟଛୋଟ ପିଲାଙ୍କ ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ। ୨ଚକିଆ ଯାନରେ ଯିବାବେଳେ ଛୋଟ ପିଲାଙ୍କ ପାଇଁ ହେଲ୍ମେଟ୍‌କୁ ବାଧ୍ୟତାମୂଳକ କରାଯିବା ନିଷ୍ପତ୍ତି କେନ୍ଦ୍ର ସରକାରଙ୍କ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କେବଳ ଏତିକି ନୁହେଁ, ସମସ୍ତ ଅଭିଭାବକ ମଧ୍ୟ ଟ୍ରାଫିକ୍ ନିୟମ ମାନି ଗାଡ଼ି ଚଳେଇବା ଆବଶ୍ୟକ। ୪ବର୍ଷରୁ କମ୍ ପିଲାଙ୍କ ପାଇଁ ହେଲ୍ମେଟ ବାଧ୍ୟତାମୂଳକ ନିୟମ ଲାଗୁ ହେବାପରେ ଟ୍ରାଫିକ୍ ପୋଲିସ ପକ୍ଷରୁ ମଧ୍ୟ ଉପଯୁକ୍ତ ଯାଞ୍ଚ କରିବାର ଆବଶ୍ୟକ ମଧ୍ୟ ରହିଛି।



**– ସନ୍ଧ୍ୟାବତୀ ପ୍ରଧାନ, ଅଧ୍ୟକ୍ଷା,**
**ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ**

### ହେଲ୍ମେଟ ବାଧ୍ୟତାମୂଳକ ନିଷ୍ପତ୍ତି ସ୍ୱାଗତଯୋଗ୍ୟ

ଦେଶ ତଥା ରାଜ୍ୟରେ ସଡ଼କ ଦୁର୍ଘଟଣା ହାର ବୃଦ୍ଧି ପାଇବାରେ ଲାଗିଛି। ଏଥିରେ ବହୁ ଜୀବନ ଚାଲିଯାଉଛି। ବୟସ୍କଙ୍କ ସହ ଶିଶୁମାନେ ମଧ୍ୟ ଦୁର୍ଘଟଣାର ଶିକାର ହେଉଛନ୍ତି। ଭଲ ଭାବେ ଦୁନିଆ ଦେଖିବା ପୂର୍ବରୁ ସେମାନଙ୍କ ଜୀବନ ନଷ୍ଟ ହୋଇଯାଉଛି। ତେଣୁ ହେଲ୍ମେଟ୍ ସହିତ ସୁରକ୍ଷା ଜ୍ୟାକେଟ୍ ବାଧ୍ୟତାମୂଳକ କରାଯିବା ନିଷ୍ପତ୍ତି ଏକ ଭଲ ପଦକ୍ଷେପ। ଅଭିଭାବକମାନେ ମଧ୍ୟ ଶିଶୁଙ୍କ ସୁରକ୍ଷା ପ୍ରତି ଯତ୍ନବାନ ହେବା ଆବଶ୍ୟକ।



**– ଝୁନାରାଣୀ ସାହୁ, ଗୃହିଣୀ, ଭୁବନେଶ୍ୱର**

### ଫାଇବ୍ରୋଟିକ୍ ହେଲ୍ମେଟ୍ ସହାୟକ ହେବ

କେନ୍ଦ୍ର ସରକାରଙ୍କ ଏହା ଏକ ଉତ୍ତମ ଏବଂ ସ୍ୱାଗତଯୋଗ୍ୟ ପଦକ୍ଷେପ। ତେବେ ପିଲାମାନଙ୍କ ପାଇଁ କମ୍ ଓଜନର ହେଲ୍ମେଟ୍ ତିଆରି ହେବା ଆବଶ୍ୟକ। ସେମାନଙ୍କ ପାଇଁ ଫାଇବ୍ରୋଟିକ୍ ହେଲ୍ମେଟ୍ ବିଶେଷ ଉପଯୋଗୀ ହେବ। ଏହି ହେଲ୍ମେଟ୍ ବ୍ୟବହାର ଦ୍ୱାରା ପିଲାଙ୍କୁ ଅଧିକ ଓଜନ ସହିବାକୁ ପଡ଼ିବ ନାହିଁ ଏବଂ ଏହା ତାଙ୍କୁ ଦୁର୍ଘଟଣାରୁ ମଧ୍ୟ ରକ୍ଷା କରିବାରେ ବେଶ୍ ସହାୟକ ହେବ।



**– ଡାକ୍ତର ସ୍ୱର୍ଣ୍ଣଲତା ଦାସ,**
**ସହକାରୀ ପ୍ରଫେସର (ଶିଶୁରୋଗ ବିଭାଗ)**

### ପୂର୍ବରୁ କାର୍ଯ୍ୟକାରୀ କରିବାର ଥିଲା

ବର୍ତ୍ତମାନର ଦୁର୍ଘଟଣାର ହାରକୁ ଦେଖିଲେ ଏହି ନିୟମ ବହୁ ପୂର୍ବରୁ କାର୍ଯ୍ୟକାରୀ କରିବାର ଥିଲା। ପୂର୍ବରୁ କେବଳ ବଡ଼ ଲୋକଙ୍କ ପାଇଁ ହେଲ୍ମେଟ୍ ପିନ୍ଧିବା ନିୟମ ଥିବାବେଳେ କୁନିକୁନି ପିଲାମାନେ ଦୁର୍ଘଟଣାର ଶିକାର ହେବାର ଆଶଙ୍କା ରହୁଥିଲା। ସରକାରଙ୍କ ଏହି ନିୟମକୁ ପ୍ରତ୍ୟେକ ଅଭିଭାବକ ମାନିବା ଆବଶ୍ୟକ। ପିଲାଙ୍କ ସୁରକ୍ଷା ପାଇଁ ବେଗ କମ୍ ରଖି ନିରାପଦରେ ଯାତ୍ରା କରିବା ଉଚିତ।



**– ପ୍ରକାଶ ମହାରଣା, ରାୟଗଡ଼ା**

### ନିମାପଡ଼ାରେ ୮୧.୬, ଗୋପରେ ୭୬ ପ୍ରତିଶତ

ନିମାପଡ଼ା/ଗୋପ, ୧୮।୨ (ଡି.ଏନ୍.ଏ.)
ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ୨ୟ ପର୍ଯ୍ୟାୟ ନିର୍ବାଚନ ଶୁକ୍ରବାର ନିମାପଡ଼ା ବ୍ଲକର ୩୨ ପଞ୍ଚାୟତର ୪୮୧ ବୁଥରେ ଶାନ୍ତିଶୃଙ୍ଖଳାର ସହ ମତଦାନ ଶେଷ ହୋଇଛି। ମତଦାତାମାନେ ଶୃଙ୍ଖଳାର ସହ ଧାଡ଼ିରେ ଠିଆ ହୋଇ ମତଦାନ କରିଛନ୍ତି। ଏହି ନିର୍ବାଚନରେ ମୋଟରେ ଶତକଡ଼ା ୮୧.୬ ପ୍ରତିଶତ ମତଦାନ ହୋଇଥିବା ବିଡିଓ ତଥା ବ୍ଲକ ନିର୍ବାଚନ ଅଧିକାରୀ ବସନ୍ତ କୁମାର ମଲ୍ଲିକ ସୂଚନା ଦେଇଛନ୍ତି। ବ୍ଲକରେ ମୋଟରେ ୧ଲକ୍ଷ ୫୭ହଜାର ୭୩୬ଜଣ ମତଦାତାଙ୍କ ମଧ୍ୟରୁ ୧ଲକ୍ଷ ୨୮ହଜାର ୭୭୯ଜଣ ମତଦାନ କରିଥିବା ବିଡିଓ କହିଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ନିମାପଡ଼ା ବ୍ଲକରେ ମହିଳା ଅଧିକାରୀମାନଙ୍କ ଦ୍ୱାରା ସମ୍ପୂର୍ଣ୍ଣ ଭାବେ ପରିଚାଳିତ ତେରୁଣ୍ଡିଆ ପଞ୍ଚାୟତର ୧୬ନଂ. ପିଙ୍କ ବୁଥ୍‌ରେ ମଧ୍ୟ ଶାନ୍ତିପୂର୍ଣ୍ଣ ଭାବେ ମତଦାନ ଶେଷ ହୋଇଛି। ଗୋପ ବ୍ଲକରେ ନିର୍ବାଚନ ଶେଷ ହୋଇଥିବାବେଳେ ୭୬ ପ୍ରତିଶତ ଭୋଟର ମତଦାନ କରିଥିବା ବିଡିଓ ଦୀପ୍ତିରାଣୀ ଦାସ ସୂଚନା ଦେଇଛନ୍ତି। ବ୍ଲକର ୩୧ଟି ପଞ୍ଚାୟତରେ ମୋଟ ୧ ଲକ୍ଷ ୪୫ ହଜାର ୭୯୧ ଜଣ ଭୋଟରଙ୍କ ମଧ୍ୟରୁ ୧ ଲକ୍ଷ ୧୧ ହଜାର ୪୯୪ ଜଣ ଭୋଟର ମତଦାନ କରିଥିବା ବ୍ଲକ୍ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ବ୍ଲକ୍‌ର ୩୧ଟି ପଞ୍ଚାୟତରେ ସରପଞ୍ଚ ପଦ ଲାଗି ୧୦୩ ପ୍ରାର୍ଥୀ, ୩୧ଟି ସମିତିସଭ୍ୟ ପଦବୀ ଲାଗି ୧୦୧ଜଣ ପ୍ରାର୍ଥୀ, ୮୪୧ଜଣ ୱାର୍ଡସଭ୍ୟାସଭ୍ୟ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ମୋଟ ୧୦୪୫ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଭୋଟ ବାକ୍ସରେ ସିଲ୍ ହୋଇଛି। ଆସନ୍ତା ୨୬ ତାରିଖରୁ ୩ ଦିନ ଧରି ଭୋଟ ଗଣତି କରାଯିବ। ଏ ନେଇ ଭୋଟ ବାକ୍ସଗୁଡ଼ିକ ନିଗମାନନ୍ଦ ଉଚ୍ଚ ବିଦ୍ୟାଳୟ ଷ୍ଟ୍ରଙ୍ଗରୁମ୍‌ରେ କଡ଼ା ସୁରକ୍ଷାରେ ରଖାଯାଇଛି।





ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଗସ୍ତ ପରିପ୍ରେକ୍ଷୀରେ ଶୁକ୍ରବାର ପୁରୀରେ ପୋଲିସ ପକ୍ଷରୁ କାର୍‌କେଡ୍ ରିହର୍ସାଲ ଓ ରହଣି ସ୍ଥଳ ରାଜଭବନକୁ ସଜା ଯାଇଛି।

### ଆଲୋକମାଳାରେ ଝଲସୁଛି ରାଜଭବନ

ପୁରୀ ଅଫିସ,୧୮।୨
ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶନିବାରରୁ ଦୁଇଦିନିଆ ପୁରୀ ଗସ୍ତରେ ଆସୁଛନ୍ତି। ସେ ରାଜଭବନରେ ରାତ୍ରିଯାପନ କରିବେ। ଏଥିପାଇଁ ପ୍ରଶାସନ ପକ୍ଷରୁ ପୁରୀ ରାଜଭବନକୁ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ସୁନ୍ଦର ଆଲୋକମାଳାରେ ପୁରୀ ରାଜଭବନ ଝଲସୁଛି। ପୁରୀ ରାଜଭବନ ବ୍ରିଟିଶ ଶାସନ ଅମଳରେ ନିର୍ମାଣ କରାଯାଇଥିବା ବେଳେ ବାତ୍ୟା ଫନୀରେ ରାଜଭବନ କ୍ଷତିଗ୍ରସ୍ତ ହୋଇଥିଲା। ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜଭବନର ପୁନରୁଦ୍ଧାର କରାଯାଇଛି। ଗତଥର ରାଷ୍ଟ୍ରପତିଙ୍କ ପୁରୀ ଗସ୍ତରେ ରାଜଭବନ ଅବସ୍ଥା ଠିକ୍ ନ ଥିବାରୁ ସର୍କିଟ୍ ହାଉସରେ ରହିଥିଲେ। ଚଳିତଥର ରାଷ୍ଟ୍ରପତି ରାଜଭବନରେ ଅବସ୍ଥାନ କରିବାର କାର୍ଯ୍ୟସୂଚୀ ରହିଥିବାରୁ ପ୍ରଶାସନ ପକ୍ଷରୁ ରାଜଭବନକୁ ଆଲୋକମାଳାରେ ସଜାଯିବା ସହ ଉଦ୍ୟାନକୁ ଯାଇଛି।











### ରମାଦେବୀରେ ଓଏସ୍ଏଚ୍ଇସି ଟିମ୍‌ର ଏକାଡେମିକ ଅଡିଟ୍

ଭୁବନେଶ୍ୱର,୧୮।୨(ବ୍ୟୁରୋ)
ଓଡ଼ିଶା ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦ(ଓଏସ୍ଏଚ୍ଇସି)ର ଏକ ୪ଜଣିଆ ଟିମ୍ ଶୁକ୍ରବାର ରମାଦେବୀ ବିଶ୍ୱବିଦ୍ୟାଳୟର ଏକାଡେମିକ ଅଡିଟ କରିଛନ୍ତି। ପ୍ରଫେସର ସୁସ୍ମିତ କୁମାର ପାଣି, ପ୍ରଦୀପ କୁମାର ବେହେରା, ଶ୍ୱେତାଂଶୁ କୁମାର ରଥ ଏବଂ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଅତନୁ କୁମାର ପତିଙ୍କୁ ନେଇ ଗଠିତ ଏହି ଟିମ୍ ରମାଦେବୀରେ ୨ଦିନିଆ ଅଡିଟ ଆରମ୍ଭ କରିଛନ୍ତି। ପ୍ରଥମ ଦିନରେ ଏହି ଟିମ ରମାଦେବୀ ବିଶ୍ୱ ବିଦ୍ୟାଳୟର କୁଳପତି ଅପରାଜିତା ଚୌଧୁରୀଙ୍କ ସହ ପ୍ରାରମ୍ଭିକ ଆଲୋଚନା କରିଛନ୍ତି। ଏହି ଅଡିଟ୍ ନାକ୍ ମାନ୍ୟତା ପାଇଁ ପ୍ରସ୍ତୁତିରେ ବିଶେଷ ସହାୟକ ହେବ ବୋଲି ଅପରାଜିତା କହିଛନ୍ତି। ପ୍ରଥମ ଥର ପାଇଁ ଓଏସ୍ଏଚ୍ଇସିର ଟିମ୍ ଏକାଡେମିକ ଅଡିଟ କରୁଛି, ଯାହାକି ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକର ଗ୍ରେଡ୍ ଏବଂ ର୍ୟାଙ୍କରେ ଉନ୍ନତି ଆଣିବାରେ ଲାଭବାନ ହେବ। ଏହା ବିଶେଷକରି ବିଶ୍ୱବିଦ୍ୟାଳୟର ପ୍ରତ୍ୟେକ ବିଭାଗକୁ ଅନୁଧ୍ୟାନ କରିବା ସହ ଏହାର ଗୁଣବତ୍ତା ସମ୍ପର୍କରେ ତଥ୍ୟ ସଂଗ୍ରହ କରିବ। ପ୍ରାଥମିକ ପର୍ଯ୍ୟାୟରେ ଏହି ଟିମ୍ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସମେତ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ, ସମ୍ବଲପୁର ଏବଂ ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂ ସହାୟକ ମହାବିଦ୍ୟାଳୟରେ ଅଡିଟ କରିବ।

## ନିର୍ବାଚନ ଦାୟିତ୍ୱରେ ଅବହେଳା, ୨ କର୍ମଚାରୀ ନିଲମ୍ବିତ

ପୁରୀ ଅଫିସ,୧୮।୨
ନିର୍ବାଚନ ଦାୟିତ୍ୱରେ ଅବହେଳା ନିମନ୍ତେ ୨ଜଣ ସରକାରୀ କର୍ମଚାରୀଙ୍କୁ ଜିଲାପାଳ ନିଲମ୍ବନ କରିଛନ୍ତି। ନିଲମ୍ବନ ହୋଇଥିବା କର୍ମଚାରୀମାନେ ହେଲେ କଣାସ ବ୍ଲକର କଣପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ସହ ଶିକ୍ଷକ ସେଖ ନ୍ୟାମତୁଲ୍ଲା ଏବଂ ଗୋପ ତହସିଲର ଆରଆଇ ଜଗନ୍ନାଥ ବିଶ୍ୱାଳ। ନିଲମ୍ବନ ସମୟରେ ନ୍ୟାମତୁଲ୍ଲାଙ୍କୁ ମୁଖ୍ୟ କାର୍ଯ୍ୟାଳୟ କଣାସ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଏବଂ ଆରଆଇ ବିଶ୍ୱାଳଙ୍କ ମୁଖ୍ୟ କାର୍ଯ୍ୟାଳୟ ଗୋପ ତହସିଲ ରଖାଯାଇଥିବା ନେଇ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ବିନା ଅନୁମତିରେ ସେମାନେ ମୁଖ୍ୟ କାର୍ଯ୍ୟାଳୟ ଛାଡ଼ିପାରିବେ ନାହିଁ ବୋଲି ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି। ନିମାପଡା ବିଡିଓଙ୍କ ସୁପାରିଶକୁ ଭିତ୍ତି କରି ଜିଲାପାଳ ସେମାନଙ୍କୁ ନିଲମ୍ବନ କରିଥିବା ସୂଚନା ମିଳିଛି। ସେହିପରି ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ନିମନ୍ତେ ଗାଡି ମୁତୟନରେ ଅବହେଳା କରିଥିବାରୁ ୧୪ଜଣ ଗାଡି ମାଲିକଙ୍କ ବିରୋଧରେ ଗିରଫ ପରୱାନା ଜାରି କରାଯାଇଛି । ଅନୁରୋଧ ପରେ ମଧ୍ୟ ସମ୍ପୃକ୍ତ ମାଲିକମାନେ ଗାଡି ମୁତୟନ ନ କରିବାରୁ ପୁରୀ ଜିଲାପାଳ ଜନପ୍ରତିନିଧି ଆଇନ-୧୯୫୧ର ଧାରା ୧୬୭ ଏବଂ ଓଡିଶା ଓମିନ ବସ୍ ଆଇନ ୧୯୮୪ର ଧାରା ୯ ଅନୁଯାୟୀ ପରୱାନା ଜାରି କରିଛନ୍ତି। ଏହି ଗିରଫ ପରୱାନା କାର୍ଯ୍ୟକାରୀ କରିବାକୁ ପୁରୀ ଓ ଖୋର୍ଦ୍ଧାର ଆରକ୍ଷୀ ଅଧୀକ୍ଷକ ଏବଂ ଡିସିପି, ଭୁବନେଶ୍ୱରଙ୍କୁ ଅବଗତ କରାଯାଇଛି।

## ଷ୍ଟ୍ରଙ୍ଗ୍‌ରୁମ୍ ପରିଦର୍ଶନରେ ଯାଇ ବିଡିଓ ହଟହଟା

କଣାସ,୧୮।୨(ସ୍ୱ.ପ୍ର.)
କଣାସ ବ୍ଲକର ୨୮ଟି ପଞ୍ଚାୟତର ୩, ୪, ୫ ନମ୍ବର ଜୋନର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସରିଯିବା ପରେ ଭୋଟ ବାକ୍ସଗୁଡିକ କଣାସ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ଷ୍ଟ୍ରଙ୍ଗରୁମର ୩ଟି ଗୃହରେ ପୃଥକ ଭାବେ ରଖାଯାଇ ବାହାରୁ ସିଲ କରାଯାଇ ବାହାରେ ପୋଲିସ ଜଗିରହିଛି। ହେଲେ ଶୁକ୍ରବାର କଣାସ ବିଡିଓ ତଥା ନିର୍ବାଚନ ଅଧିକାରୀ ଲୋଚନ ଦାସ, ପଞ୍ଚାୟତ ଅଧିକାରୀ(ଜିପିଓ) କୁମୁଦ ପଣ୍ଡା ଓ ସହକାରୀ ଯନ୍ତ୍ରୀ ଚନ୍ଦ୍ରମଣି ଖଟେଇ ପୂର୍ବାହ୍ନ ୧୧ଟାବେଳେ ଷ୍ଟ୍ରଙ୍ଗ ରୁମ୍ ପରିସରକୁ ଯାଇଥିଲେ। କିଛି ସମୟ ରହି ଫେରିବା ସମୟରେ ଜିପିଓ ପଣ୍ଡା ଗୋଟିଏ କାଗଜ ପେଟିରେ କିଛି କାଗଜପତ୍ର ଓ ଭୋଟ ବାଲଟ ପେପରରେ ଦିଆଯାଉଥିବା ଷ୍ଟାମ୍ପ ଧରିଥିଲେ। ଫଳରେ ଷ୍ଟ୍ରଙ୍ଗ ରୁମ ବାହାରେ ବିଭିନ୍ନ ପ୍ରାର୍ଥୀମାନଙ୍କର ରହିଥିବା କର୍ମୀମାନେ ନାନା ସନ୍ଦେହ କରି କାହିଁକି ଭିତରକୁ ଯାଇଥିଲେ ଓ ୨ ଘଣ୍ଟା ପରେ ଫେରିଲେ ଏବଂ କାଗଜପତ୍ର ଷ୍ଟାମ୍ପ ଧରି କ'ଣ କରୁଥିଲେ ଆଦି ନାନା ପ୍ରଶ୍ନ କରିଥିଲେ। ଏପରିକି ବାହାରେ ଥିବା ବିଭିନ୍ନ ପ୍ରାର୍ଥୀମାନଙ୍କ କର୍ମୀ ଏକଜୁଟ ହୋଇ ଏହି କଥାକୁ ନେଇ ଉତ୍ତେଜନା ପ୍ରକାଶ ପାଇବାରୁ ବିଡିଓ ଓ ଅଧିକାରୀମାନେ ବ୍ଲକକୁ ଚାଲିଯାଇଥିଲେ। ଏ ସମ୍ପର୍କରେ କଣାସ ସରପଞ୍ଚ ପ୍ରାର୍ଥୀ ଭଗବାନ ସୁବୁଦ୍ଧି, ଗଡ଼ସାହି ସରପଞ୍ଚ ପ୍ରାର୍ଥୀ ବିଭୂତି ଭୂଷଣ ବେବର୍ତ୍ତା ପ୍ରମୁଖ ପୁରୀ ଜିଲାପାଳ ଓ ନିର୍ବାଚନ ଅଧିକାରୀଙ୍କୁ ଜଣାଇଛନ୍ତି। ଏ ନେଇ ବିଡିଓ ଲୋଚନ ଦାସ କହିଛନ୍ତି, ପୂର୍ବାହ୍ନ ୧୧ଟାରେ ଜିପିଓ, ସହକାରୀ ଯନ୍ତ୍ରୀଙ୍କୁ ନେଇ ଷ୍ଟ୍ରଙ୍ଗରୁମ ପରିଦର୍ଶନରେ ଯାଇଥିଲି। ୨୬, ୨୭ ତିନିଦିନ ଧରି କେଉଁ ଗୃହରେ କିଭଳି ଭୋଟ ଗଣତି ହେବ ଓ ବ୍ୟାରିକେଡ୍ ତିଆରି କରାଯିବ ସେ ବିଷୟରେ ଦେଖିଥିଲୁ। ଏପରିକି ସିଲ୍ ହୋଇଥିବା କୌଣସି ରୁମକୁ ନ ଯାଇ ବାହାରୁ ହିଁ ତଦାରଖ କରିଥିଲୁ। ପ୍ରାର୍ଥୀମାନେ ମିଥ୍ୟା ଅଭିଯୋଗ କରିଛନ୍ତି, ଷ୍ଟ୍ରଙ୍ଗରୁମ ଆଗରେ ସିସି କ୍ୟାମେରା ଲାଗିଛି, ଜିଲାପାଳ ଚାହିଁଲେ ଦେଖିପାରିବେ ବୋଲି ସେ କହିଥିଲେ। ସେହିଭଳି ଜିପିଓ ପଣ୍ଡା କହିଛନ୍ତି, ଉପରେ ଥିବା ୫ ନଂ.ଷ୍ଟ୍ରଙ୍ଗରୁମ ବାହାରୁ ଦେଖି ଫେରିବା ବେଳେ ବାହାରେ ଏକ ଡବା ପଡ଼ିଥିଲା, ସେଥିରେ କିଛି କାଗଜପତ୍ର ସହ ଷ୍ଟାମ୍ପ ପଡ଼ିଥିବା ଦେଖି ସେଠାରୁ ଉଠାଇ ବାହାରକୁ ନେଇ ଆସିଥିଲୁ। ସେଥିପାଇଁ ହିଁ ପ୍ରାର୍ଥୀମାନଙ୍କର ସନ୍ଦେହ ହୋଇଥିବା କହିଥିଲେ।



କଣାସ ଷ୍ଟ୍ରଙ୍ଗରୁମ ବାହାରେ ଉତ୍ତେଜନା ପରିସ୍ଥିତି ରହିଛି।









## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୮।୨।୨୦୨୨

| ୩,୭୫,୮୯୯ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ୬.୧୫୦ ଗ୍ରାମ |

# ରାଜଭବନରେ ରହିବେ ରାଷ୍ଟ୍ରପତି

ପୁରୀ ଅଫିସ, ୧୮।୨

ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶନିବାର ୨ ଦିନିଆ ପୁରୀ ଗସ୍ତରେ ଆସୁଛନ୍ତି। ରାଷ୍ଟ୍ରପତିଙ୍କ କାର୍ଯ୍ୟସୂଚୀ ଅନୁଯାୟୀ ଶନିବାର ଅପରାହ୍ଣରେ ପୁରୀରେ ପହଞ୍ଚି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିବେ। ୨୦ ତାରିଖ ରବିବାର ଗୌଡ଼ୀୟ ମିଶନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମରେ ଯୋଗଦେବେ। ତୃତୀୟଥର ପାଇଁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପୁରୀ ଗସ୍ତରେ ଆସୁଛନ୍ତି। ତେବେ ରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ଯେତିକି ଚର୍ଚ୍ଚା ଦେଖିବାକୁ ମିଳୁନି ତା'ଠାରୁ ଅଧିକ ରାଷ୍ଟ୍ରପତିଙ୍କ ରହଣିକୁ ନେଇ ଚର୍ଚ୍ଚା ଦେଖିବାକୁ ମିଳିଛି। ରାଷ୍ଟ୍ରପତିଙ୍କ ରହଣି ନିମନ୍ତେ ଘରୋଇ ହୋଟେଲ କି ରାଜଭବନରେ ବ୍ୟବସ୍ଥା କରାଯିବ ସେନେଇ ଶେଷ ୨୪ ଘଣ୍ଟା ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ କୌଣସି ନିର୍ଦ୍ଦିଷ୍ଟ ତଥା ଠିକ ସୂଚନା ପ୍ରଦାନ କରାଯାଇ ନ ଥିଲା। ୭୨ ଘଣ୍ଟା ମଧ୍ୟରେ ଜିଲା ପ୍ରଶାସନ ପକ୍ଷରୁ ୪ଥର ରାଷ୍ଟ୍ରପତିଙ୍କ ରହଣି ବ୍ୟବସ୍ଥାକୁ ନେଇ ସ୍ଥାନ ପରିବର୍ତ୍ତନ ସମ୍ପର୍କରେ ସୂଚନା ଦିଆଯାଇଥିଲା। ପ୍ରଥମେ ରାଷ୍ଟ୍ରପତିଙ୍କ ରହଣି ନେଇ ଏକ ଘରୋଇ ହୋଟେଲରେ ବ୍ୟବସ୍ଥା କରାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା। କିନ୍ତୁ ସୁରକ୍ଷା ଦୃଷ୍ଟିରୁ ଏହାକୁ ପରିବର୍ତ୍ତନ କରାଯାଇ ରାଜଭବନରେ ରାଷ୍ଟ୍ରପତିଙ୍କ ରହିବା ନେଇ ସୂଚନା ଦିଆଯାଇଥିଲା। ତେବେ ଗୁରୁବାର ପୁଣି ରହଣି ବ୍ୟବସ୍ଥାରେ ପରିବର୍ତ୍ତନ କରାଯାଇଥିବା ଜିଲାପାଳ ସୂଚନା ଦେଇଥିଲେ। ରାଜଭବନ ପରିବର୍ତ୍ତେ ଘରୋଇ ହୋଟେଲ କରାଯାଇଥିବା ଜିଲାପାଳ ପୁନର୍ବାର ସୂଚନା ଦେଇଥିଲେ। ପରେ ରାଷ୍ଟ୍ରପତିଙ୍କ ସୁରକ୍ଷା ପାଇଁ ବାୟୁ ସେନା, ବୋମା ସ୍କ୍ୱାଡ ଓ ସମସ୍ତ ବରିଷ୍ଠ ପ୍ରଶାସନିକ ପଦାଧିକାରୀ ପୁରୀରେ ପହଞ୍ଚି ରାଷ୍ଟ୍ରପତିଙ୍କ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଥିଲେ। ତେବେ ରାଷ୍ଟ୍ରପତିଙ୍କ ଗସ୍ତକୁ ଆଉ ୨୪ ଘଣ୍ଟା ବାକି ଥିବାବେଳେ ଶୁକ୍ରବାର ଜିଲା ପ୍ରଶାସନ ପକ୍ଷରୁ ପୁନର୍ବାର ରାଷ୍ଟ୍ରପତିଙ୍କ ରହଣି ନେଇ ସ୍ଥାନ ପରିବର୍ତ୍ତନ କରାଯାଇଥିବା ସୂଚନା ଦିଆଯାଇଛି। ରାଷ୍ଟ୍ରପତି ରାଜଭବନ ପରିସରରେ ରାତ୍ରିଯାପନ କରିବେ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ରାଜଭବନରେ ରାଷ୍ଟ୍ରପତି, ଫାଷ୍ଟ ଲେଡି, ରାଷ୍ଟ୍ରପତିଙ୍କ ପରିବାର, ଓଡ଼ିଶା ରାଜ୍ୟପାଳ ଏବଂ ରାଷ୍ଟ୍ରପତିଙ୍କ ବ୍ୟକ୍ତିଗତ ସହାୟକ ରାତ୍ରିଯାପନ କରିବେ। ସେହିପରି ରାଷ୍ଟ୍ରପତିଙ୍କ ସାଙ୍ଗରେ ଆସିଥିବା ଅନ୍ୟ ଅଧିକାରୀ, କର୍ମଚାରୀଙ୍କ ରହଣି ବ୍ୟବସ୍ଥା ଏକ ତାରକା ହୋଟେଲରେ କରାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।



ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଅସୀମ ବସୁ ଫାଉଣ୍ଡେଶନ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ଅସୀମ ନାଟ୍ୟ ଉତ୍ସବର ଶୁକ୍ରବାର ଶେଷ ସନ୍ଧ୍ୟାରେ ପରିବେଷିତ ନାଟକ 'ଦଶାବତାର'ର ଏକ ଦୃଶ୍ୟ।

## ସଂକ୍ଷେପରେ

### ଇସ୍କନ କାର୍ଯ୍ୟରେ ଯୋଗ ନ ଦେବାକୁ ରାଷ୍ଟ୍ରପତିଙ୍କୁ ଚିଠି

ପୁରୀ ଅଫିସ,୧୮।୨- ଶରଧାବାଲିରେ ଇସ୍କନ ପକ୍ଷରୁ ଆୟୋଜନ କରାଯାଇଥିବା ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦଙ୍କ ୧୫୦ତମ ଜୟନ୍ତୀ ଉତ୍ସବରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଇସ୍କନ ପକ୍ଷରୁ ଆୟୋଜନ କରାଯାଉଥିବା ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଯୋଗ ନ ଦେବା ପାଇଁ ଅନୁରୋଧ କରି ଭଏସ ଅଫ୍ କମନ ମ୍ୟାନ ପକ୍ଷରୁ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟକୁ ଶୁକ୍ରବାର ଏକ ଚିଠି ପଠାଯାଇଛି। ଭଏସ ଅଫ୍ କମନ ମ୍ୟାନର ହେକ୍ଟର ମିଶ୍ରଙ୍କ କହିବାନୁଯାୟୀ, ଇସ୍କନ ସଂଗଠନ ଅନେକ ସମୟରେ ନିଜର କାର୍ଯ୍ୟ ପାଇଁ ବିବାଦୀୟ ରହିଆସିଛି। ସନାତନ ଧର୍ମ ପ୍ରତି କୁଠାରଘାତ ହେଉ ବା ଶ୍ରୀକ୍ଷେତ୍ରରେ ଦ୍ୱିତୀୟ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ ପ୍ରସଙ୍ଗ ହେଉ। ଶରଧାବାଲି ହିନ୍ଦୁଙ୍କର ଏକ ପବିତ୍ର ଧାର୍ମିକ ସ୍ଥଳ। ଏହି ସ୍ଥାନ ସମ୍ପର୍କରେ ବେଦରେ ମଧ ଉଲ୍ଲେଖ ରହିଛି। ମାତ୍ର ସେହି ଧାର୍ମିକ ଶରଧାବାଲିରେ ଇସ୍କନ ସଂଗଠନ ପକ୍ଷରୁ ଚଳିତ ମାସ ୨୦ତାରିଖରେ ଆୟୋଜିତ ହେଉଥିବା କାର୍ଯ୍ୟକ୍ରମରେ ସଂଖ୍ୟାଧିକ ବିଭିନ୍ନ ଧର୍ମର ଇସ୍କନ ଭକ୍ତ ଯୋଗଦେବେ। ଫଳରେ ଶରଧାବାଲିର ପବିତ୍ରତା କ୍ଷୁଣ୍ଣ ହେବ ଏବଂ ଜଗନ୍ନାଥ ପ୍ରେମୀଙ୍କୁ ଆଘାତ ଦେବ। ସେହିପରି ସଂଗଠନ ପକ୍ଷରୁ କୋଭିଡ୍ ଗାଇଡ୍‌ଲାଇନକୁ ଅବମାନନା କରାଯାଇଛି। ସରକାରଙ୍କ ପକ୍ଷରୁ ସଭା ପାଇଁ ଥିବା ନିର୍ଦ୍ଦିଷ୍ଟ ସଂଖ୍ୟାଠାରୁ ଅଧିକ ସଂଖ୍ୟାରେ ଇସ୍କନ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଅପରପକ୍ଷେ ରାଷ୍ଟ୍ରପତିଙ୍କ ପୁରୀ ଗସ୍ତକୁ ଦୃଷ୍ଟିରେ ରଖି ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ ଥିବା ଉଠାଦୋକାନୀଗୁଡିକୁ ବନ୍ଦ ରଖିବା ପାଇଁ ନିର୍ଦ୍ଦେଶ ରହିଛି। ଫଳରେ ପ୍ରାୟ ୬ହଜାର ଉଠାଦୋକାନୀ ଓ ତାଙ୍କ ପରିବାର ଆର୍ଥିକ ସମସ୍ୟାରେ ସମ୍ମୁଖୀନ ହେବେ। ତେଣୁ ରାଷ୍ଟ୍ରପତି ଶରଧାବାଲି କାର୍ଯ୍ୟକ୍ରମକୁ ବାତିଲ କରିବା ସହ ବଡ଼ଦାଣ୍ଡର ୨ ପାର୍ଶ୍ୱରେ ଥିବା ଉଠାଦୋକାନୀଙ୍କୁ ଖୋଲିବା ପାଇଁ ଅନୁମତି ମିଳିବା ପାଇଁ ମିଶ୍ର ସ୍ମାରକପତ୍ରରେ ଦର୍ଶାଇଛନ୍ତି।

### ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଆଇନଗତ ସୁରକ୍ଷା କର୍ମଶାଳା

କଣାସ ୧୮।୨ (ସ୍ୱ.ପ୍ର.)- କଣାସ ବ୍ଲକ ଅନ୍ତର୍ଗତ ଦୟାବିହାରରେ ପ୍ରତିଷ୍ଠିତ ନୀଳାଚଳ ସେବା ପ୍ରତିଷ୍ଠାନ ପରିସରରେ ଓଡ଼ିଶା ସରକାର ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଆଇନଗତ ସୁରକ୍ଷା ସମ୍ବନ୍ଧୀୟ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରତିଷ୍ଠାନ ଦ୍ୱାରା ପରିଚାଳିତ ପୁନର୍ବାସ ଏବଂ ସେବା କେନ୍ଦ୍ର ପରିସରରେ ଦିବ୍ୟାଙ୍ଗମାନଙ୍କର ଅଭିବାବକଙ୍କୁ ନେଇ କର୍ମଶାଳା ଉପରେ ଆଲୋଚନା କରି ଏକ ସାଧାରଣ ସଭା ହୋଇଥିଲା। କର୍ମଶାଳାରେ ଅତିଥି ଭାବେ ଜିତେନ୍ଦ୍ର ହରିଚନ୍ଦନ ଓ ସଂଯୋଜକ କିଶୋର ଚନ୍ଦ୍ର ହାତୀ ଯୋଗଦେଇ ଦିବ୍ୟାଙ୍ଗ ଛାତ୍ରୀଛାତ୍ରମାନେ କିପରି ଆତ୍ମନିର୍ଭରଶୀଳ ହୋଇ ସମାଜରେ ପ୍ରତିଷ୍ଠିତ ହୋଇପାରିବେ ଓ ସେମାନଙ୍କ ପାଇଁ କ'ଣ ସବୁ ଆଇନଗତ ବ୍ୟବସ୍ଥା ରହିଛି ସେ ଉପରେ ସୂଚନା ଦେଇଥିଲେ। ଏହି କର୍ମଶାଳାରେ ସ୍ଥାନୀୟ ଅଞ୍ଚଳର ବହୁ ଦିବ୍ୟାଙ୍ଗ ଓ ତାଙ୍କ ଅଭିଭାବକମାନେ ଯୋଗଦେଇଥିଲେ।

## ସ୍କୁଲ ପଛ ଜଙ୍ଗଲରୁ ଝୁଲନ୍ତା ମୃତଦେହ ଜବତ

ନିମାପଡ଼ା, ୧୮।୨(ଡି.ଏନ୍.ଏ.)

### ପୋଲିସ ପହଞ୍ଚିବା ବିଳମ୍ବ ନେଇ ରାସ୍ତାରୋକୋ

ଚାରିଛକ ଫାଣ୍ଡି ଅନ୍ତର୍ଗତ ତୁଳସୀପୁର ନିକଟସ୍ଥ ଏକ ବିଦ୍ୟାଳୟ ପଛରେ ଥିବା ଜଙ୍ଗଲର ଏକ ଗଛରୁ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଶୁକ୍ରବାର ଜବତ କରିଛି। ମୃତକ ହେଲେ ତୁଳସୀପୁରର ମୀନା ଭୋଇ(୫୨)। ଖବର ପାଇ ନିମାପଡ଼ା ଥାନା ଓ ଚାରିଛକ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଚାରିଛକ ମେଡିକାଲକୁ ପଠାଇଛି। ଏ ସମ୍ପର୍କରେ ମୃତକଙ୍କ ପୁଅ ସୁମନ ଭୋଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୫/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ତୁଳସୀପୁର ଗ୍ରାମବାସୀ ସ୍ଥାନୀୟ ଏକ ଜଙ୍ଗଲରେ ଯାଉଥିବା ବେଳେ ଏକ ଗଛରେ ଝୁଲନ୍ତା ମୃତଦେହ ଦେଖି ପୋଲିସକୁ ଜଣାଇଥିଲେ। ହେଲେ ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରିବାରେ ବିଳମ୍ବ ହେବାରୁ ଏହାକୁ ପ୍ରତିବାଦ କରି ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିବା ସହ ଚାରିଛକ- କାକଟପୁର ରାସ୍ତାର ତୁଳସୀପୁର ଶିକ୍ଷାକେନ୍ଦ୍ର ଛକ ନିକଟରେ ଅପରାହ୍ଣ ୨ଟାରୁ ୩ଟା ପର୍ଯ୍ୟନ୍ତ ୧ ଘଣ୍ଟା ଧରି ମୁଖ୍ୟରାସ୍ତାରେ ବାଉଁଶ ଓ ଟେବୁଲ ପକାଇ ରାସ୍ତାରୋକୋ କରିଥିଲେ। ପରେ ନିମାପଡ଼ା ଥାନାଧିକାରୀ ଶଙ୍କର୍ଷଣ ଦଳେଇ, ଫାଣ୍ଡି ଅଧିକାରୀ ଏଏସ୍ଆଇ ଶିଶିର କୁମାର ମହାନ୍ତି, ଏଏସ୍ଆଇ ସବିତା ମାର୍ଥା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇବାରୁ ରାସ୍ତାରୋକୋ ହଟିଥିଲା।



ତୁଳସୀପୁର ଶିକ୍ଷାକେନ୍ଦ୍ର ଛକରେ ଗ୍ରାମବାସୀ ବାଉଁଶ ପକାଇ ରୋସ୍ତାରୋକୋ କରୁଛନ୍ତି ।

## ପଦଯାତ୍ରା, ବାଇକ୍ ରାଲିରେ ସରିଲା ପ୍ରଚାର

ପୁରୀ ଅଫିସ,୧୮।୨

ଚଳିତ ମାସ ୨୦ ତାରିଖରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ନିମନ୍ତେ ତୃତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ ଅନୁଷ୍ଠିତ ହେବ। ଏଥିପାଇଁ ଶୁକ୍ରବାର ନିର୍ବାଚନ ପ୍ରଚାରର ଶେଷ ଦିବସ ରହିଥିଲା। ପ୍ରଚାରର ଶେଷ ଦିନରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଜୋରଦାର ପ୍ରଚାର କରାଯାଉଥିବା ଦେଖିବାକୁ ମିଳିଛି। ନିର୍ବାଚନ ମଇଦାନରେ ବିଭିନ୍ନ ପଦ ପାଇଁ ଭାଗ୍ୟ ପରୀକ୍ଷା କରୁଥିବା ପ୍ରାର୍ଥୀମାନେ ନିଜ ସପକ୍ଷରେ ଜନମତ ଆଣିବା ନିମନ୍ତେ ନିର୍ବାଚନର ଶେଷ ଦିବସରରେ ନାନା ଉଦ୍ୟମ କରି ଭୋଟରଙ୍କ ଠାରୁ ନିଜ ସପକ୍ଷରେ ଭୋଟ ଭିକ୍ଷା କରିଥିଲେ। ପୁରୀ ସଦର ବ୍ଲକର ୩ଟି ଜିଲା ପରିଷଦ ଜୋନ ପାଇଁ ଶୁକ୍ରବାର ପ୍ରଚାର ଶେଷ ହୋଇଛି । ୨ଟି ଜିଲା ପରିଷଦ ଜୋନ ପୁରୀ ସଦର ନିର୍ବାଚନ ମଣ୍ଡଳୀର ଥିବାବେଳେ ଗୋଟିଏ ଜିଲା ପରିଷଦ ଜୋନ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀର ରହିଛି। ପୁରୀ ସଦର ବ୍ଲକର ବ୍ରହ୍ମଗିରି ନିର୍ବାଚନମଣ୍ଡଳୀର ୨୫ ନମ୍ବର ଜୋନ ପାଇଁ ଶେଷ ଦିନରେ ବିଜେଡି ପ୍ରାର୍ଥୀଙ୍କ ପାଇଁ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା ପଦଯାତ୍ରା କରି ଭୋଟ ମାଗିଛନ୍ତି। ପୁରୀ ସଦର ବ୍ଲକରେ ୩ଟି ଜିଲା ପରିଷଦ ଜୋନରୁ ଏଥିମଧ୍ୟରୁ ୨୫ ନଂ. ଜୋନରୁ ବିଜେଡି ପ୍ରାର୍ଥୀ ମୋନାଲି ମିଶ୍ର, ଭାଜପା ପ୍ରାର୍ଥୀ ଅଲିଶା ମିଶ୍ର, କଂଗ୍ରେସ ପ୍ରାର୍ଥୀ ସୌଦାମିନୀ ପ୍ରଧାନ, ଏଏପି ପ୍ରାର୍ଥୀ ପ୍ରଭାତୀ ପ୍ରଧାନ, ବିଏସ୍ପି ପ୍ରାର୍ଥୀ ମମତା ଭୋଇ, ସ୍ୱାଧୀନ ପ୍ରାର୍ଥୀ ବାସନ୍ତୀ କାହାଳ, ବିଜୟାଲକ୍ଷ୍ମୀ ତ୍ରିପାଠୀ ଓ ସୁଲୋଚନା ସାହୁ ମଇଦାନକୁ ଓହ୍ଲାଇଛନ୍ତି। ୨୬ ନଂ. ଜୋନରେ ବିଜେଡି ନେତା ସୁନୀଲ ମହାନ୍ତି ଦଳୀୟ ପ୍ରାର୍ଥୀଙ୍କ ନିମନ୍ତେ ପ୍ରଚାର କରିଥିଲେ। ୨୬ନଂ. ଜୋନରୁ ବିଜେଡି ପ୍ରାର୍ଥୀ ମାମିନା ଦାସ, ଭାଜପା ପ୍ରାର୍ଥୀ ପିଙ୍କି ପାତ୍ର, କଂଗ୍ରେସ ପ୍ରାର୍ଥୀ ଖଟି ନାୟକ ଓ ବିଏସପି ପ୍ରାର୍ଥୀ ହର୍ସ ଦେଇ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏଥିସହ ୨୭ ନଂ. ଜୋନରୁ ବିଜେଡି ପ୍ରାର୍ଥୀ ସରୋଜିନୀ ବେହେରା, ଭାଜପା ପ୍ରାର୍ଥୀ କାମିନୀ ବେହେରା, କଂଗ୍ରେସ ପ୍ରାର୍ଥୀ ବାସନ୍ତୀ କାହାଳ ଓ ବିଏସ୍ପି ପ୍ରାର୍ଥୀ ବିଷ୍ଣୁପ୍ରିୟା ଭୋଇ ଲଢ଼େଇ କରୁଛନ୍ତି। ତେବେ ଆସନ୍ତା ୨୦ରେ ସଦର ବ୍ଲକରେ ଥିବା ସମସ୍ତ ଜିଲା ପରିଷଦ ଜୋନ, ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡ ମେମ୍ବରଙ୍କ ପାଇଁ ମତଦାନ କରାଯିବ। ପ୍ରଚାରର ଶେଷ ଦିନରେ ପୁସିଂ କାର୍ଡ, ପଦଯାତ୍ରା, ବାଇକ୍ ରାଲି ଏବଂ ଘର ଘର ବୁଲି ଭୋଟ ଦେବା ପାଇଁ ଭୋଟରଙ୍କୁ ମନାଇଥିଲେ।

## ଗଣଶିକ୍ଷା ମନ୍ତ୍ରୀ, ପ୍ରଭାତୀ ପରିଡ଼ା ଗାଁ ବୁଥ୍‌ରେ ଭୋଟ ଦେଲେ

ନିମାପଡ଼ା, ୧୮।୨ (ଡି.ଏନ୍.ଏ.)

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ତାଙ୍କ ଧର୍ମପତ୍ନୀ ସଙ୍ଗୀତା ଦାଶ ନିଜ ଗ୍ରାମ ବୁଥ୍‌ରେ ଶୁକ୍ରବାର ଭୋଟଦାନ କରିଛନ୍ତି। ମନ୍ତ୍ରୀ ଦାଶ ଓ ତାଙ୍କ ପତ୍ନୀ ନିମାପଡ଼ା ବ୍ଲକର ୨୦ ନଂ. ଜିଲା ପରିଷଦ ଜୋନ ଅନ୍ତର୍ଗତ ଭିଲିଗ୍ରାମ ପଞ୍ଚାୟତର ବିଷ୍ଣୁପୁର ଗ୍ରାମର ବିଷ୍ଣୁପୁର ନୋଡାଲ ଉଚ୍ଚ ବିଦ୍ୟାଳୟର ୨ନଂ. ବୁଥ୍‌ରେ ଭୋଟଦାନ କରିଛନ୍ତି। ସେହିପରି ଭାଜପା ରାଜ୍ୟ ଉପସଭାପତି ପ୍ରଭାତୀ ପରିଡ଼ା ମଧ୍ୟ ଏହି ବ୍ଲକର ୨୧ନଂ. ଜିଲା ପରିଷଦ ଜୋନ ଅନ୍ତର୍ଗତ ତେରୁଣ୍ଡିଆ ପଞ୍ଚାୟତର ତେରୁଣ୍ଡିଆ ଗ୍ରାମର ୧ନଂ. ବୁଥ୍ ତେରୁଣ୍ଡିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବୁଥ୍‌ରେ ମତଦାନ କରିଛନ୍ତି।

## ବରିଷ୍ଠ ନାଗରିକ ଭୋଟ ଦେବାରୁ ବଞ୍ଚିତ

ଗୋପ,୧୮।୨(ଡି.ଏନ୍.ଏ.)

ଜଣେ ନାଗରିକର ମତଦାନ ହେଉଛି ସାମ୍ବିଧାନିକ ଅଧିକାର। କିନ୍ତୁ ଯେତେବେଳେ ସେ ନାଗରିକ ଭୋଟ ଦାନରୁ ବଞ୍ଚିତ ହୋଇ ନିରାଶରେ ଫେରିଥାଏ ସେତେବେଳେ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ଜିଲା ପ୍ରଶାସନ ପର୍ଯ୍ୟନ୍ତ କେହି ଶୁଣନ୍ତି ନାହିଁ। ଶୁକ୍ରବାର ଗୋପ ବ୍ଲକ ଅଧୀନ ଗଣେଶ୍ୱରପୁର ପଞ୍ଚାୟତରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ ବେଳେ ଏପରି ଅଭିଯୋଗ ଆସିଛି। ଏହି ପଞ୍ଚାୟତର ବରିଷ୍ଠ ନାଗରିକ ରବୀନ୍ଦ୍ର ନାୟକ(୭୭), ବିଳାସିନୀ ନାୟକ(୭୨), ସମିତା ନାୟକଙ୍କ ସହିତ ଆଉ କେତେଜଣ ନାଗରିକ ମତଦାନରୁ ବଞ୍ଚିତ ହେବା ପରେ ଦୀର୍ଘ ୪ ଘଣ୍ଟା ଧରି ବସିବା ପରେ ଫେରିଥିବା ଅଭିଯୋଗ କରିଛନ୍ତି। ଗୋପ ବ୍ଲକ ଅଧୀନ ୩୧ ପଞ୍ଚାୟତରେ ଭୋଟ ଗ୍ରହଣ ହେଉଥିଲା। ଏହି ସମୟରେ ବରିଷ୍ଠ ନାଗରିକ ରବୀନ୍ଦ୍ର ଏବଂ ତାଙ୍କ ସ୍ତ୍ରୀ ସ୍ଥାନୀୟ ୪ନଂ. ବୁଥ୍‌କୁ ଯାଇଥିଲେ। ହେଲେ ସେଠାରେ ଭୋଟର ଲିଷ୍ଟରେ ତାଙ୍କ ନାମ ନ ଥିବା ପ୍ରିଜାଇଡିଂ ଅଧିକାରୀମାନେ କହିଥିଲେ। ପରେ ସେମାନେ ନିକଟରେ ଥିବା ଅନ୍ୟ ବୁଥ୍ ନଂ. ୫, ୧୩ ଓ ୭ ବୁଥ୍‌କୁ ଯାଇଥିଲେ ମଧ୍ୟ ସେଠାରେ ବି ସମାନ ଅବସ୍ଥା ହେବାରୁ ଭୋଟ ଦେଇପାରି ନ ଥିଲେ। ଏଭଳି ଅନେକ ଭୋଟର ନିଜର ମତଦାନରୁ ବଞ୍ଚିତ ହେବା ସହ କିଛି ସ୍ଥାନରେ ଗୋଟିଏ ଭୋଟର ଏକାଧିକ ମତଦାନ କରିଥିବା ଅଭିଯୋଗ ଆସିଛି । ବିଶେଷ କରି ବଡତରା, ଗଣେଶ୍ୱରପୁର,ଗୋପ, ନାଗପୁର ପଞ୍ଚାୟତରେ ଏପରି ହୋଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବିଡିଓ ଦୀପ୍ତିରାଣୀ ଦାସଙ୍କୁ ପଚାରିବାରେ ଅଭିଯୋଗ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

## ୩୦୫ ବୁଥ୍‌ରେ ପହଞ୍ଚିଲେ ପୋଲିଂ ପାର୍ଟି

ସାକ୍ଷୀଗୋପାଳ,୧୮।୨(ଡି.ଏନ୍.ଏ.)

ତୃତୀୟ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନ ୨୦ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ପୁରୀ ଜିଲାର ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ୨୪ ପଞ୍ଚାୟତର ମୋଟ ୩୦୫ ଭୋଟଗ୍ରହଣ କେନ୍ଦ୍ରରେ ଶୁକ୍ରବାର ପୋଲିଂ ପାର୍ଟି ପହଞ୍ଚିଥିଲେ। ସାକ୍ଷୀଗୋପାଳ କଲେଜରେ କରାଯାଇଥିବା କଣ୍ଟ୍ରୋଲ ରୁମ୍‌ଠାରୁ ଦଳଦଳ ହୋଇ ଅଧିକାରୀମାନେ ବାହାରିଥିଲେ। ଏହି ବ୍ଲକର ମୋଟ ୯୪,୧୭୨ ଜଣ ମତଦାତା ମତଦାନ କରିବେ। ଶାନ୍ତି ଶୃଙ୍ଖଳାରେ ଭୋଟଗ୍ରହଣ ନିମନ୍ତେ ସମୁଦାୟ ୨୪ଟି ସେକ୍ଟରରେ ୧୨ଟି ପୋଲିସ ପାଟ୍ରୋଲିଂ ଦଳ ରହିଛନ୍ତି। ଏଠାରେ ଚିହ୍ନଟ କରାଯାଇଥିବା ୮୩ଟି ଉତ୍ତେଜନା ଓ ୫୩ଟି ଅତିଉତ୍ତେଜନା ପ୍ରବଣ କେନ୍ଦ୍ରରେ ସଶସ୍ତ୍ର ପୋଲିସ ମୁତୟନ କରାଯାଇଛି। ପରିସ୍ଥିତି ଅନୁଧ୍ୟାନ ନିମନ୍ତେ ୬ଟି ସ୍ୱତନ୍ତ୍ର ଟିମ୍ ରହିଛନ୍ତି। କଣ୍ଟ୍ରୋଲ ରୁମ୍‌ରେ ବ୍ଲକ ନିର୍ବାଚନ ଅଧିକାରୀ ତଥା ବିଡିଓ କ୍ଷୀରୋଦ କୁମାର ବେହେରା, ତହସିଲଦାର ଜୟନ୍ତ କୁମାର ଜୟସିଂ ଓ ସତ୍ୟବାଦୀ ଥାନା ଆଇଆଇସି ଦିଲୀପ କୁମାର ଧଳ ପ୍ରମୁଖ ଉପସ୍ଥିତ ଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ପ୍ରଦ୍ୟୁମ୍ନ



@ ଅଂଶୁମାନ



@ ସୌମ୍ୟରଞ୍ଜନ



@ ଭରତ



@ ଅଭିମନ୍ୟୁ



@ ମଙ୍ଗରାଜ

## ଜିଲା ପ୍ରଶାସନ ଆଇନ ଉଲ୍ଲଂଘନ କରୁଥିବା ଅଭିଯୋଗ

ପୁରୀ ଅଫିସ,୧୮।୨

ରାଷ୍ଟ୍ରପତିଙ୍କ ପୁରୀ ଗସ୍ତକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ଆଇନ ଭାଙ୍ଗିବା ସହ ପ୍ରଶାସନ ସମସ୍ତ ନିୟମ ଉଲ୍ଲଂଘନ କରିଥିବା ଶ୍ରୀଜଗନ୍ନାଥ ସେନା ଅଭିଯୋଗ କରିଛି। ଏ ନେଇ ସେନା ପକ୍ଷରୁ ଉପଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ଏକ ସ୍ମାରକପତ୍ର ଶୁକ୍ରବାର ପ୍ରଦାନ କରାଯାଇଛି। ଶ୍ରୀଜଗନ୍ନାଥ ସେନାର ଆବାହକ ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ ସ୍ମାରକପତ୍ରରେ ଦର୍ଶାଇଛନ୍ତି, ଫେବୃୟାରୀରେ କୋଭିଡ୍ କଟକଣା ଗାଇଡ୍‌ଲାଇନ ବଳବତ୍ତର ରହିଛି। ଗାଇଡ୍‌ଲାଇନ ଅନୁଯାୟୀ ଏହି ମାସରେ ଅନୁଷ୍ଠିତ ହୋଇଥିବା ସରସ୍ୱତୀ ପୂଜା ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କୁ ପାଳନ କରିବା ପାଇଁ ଅନୁମତି ଦିଆଗଲା ନାହିଁ। ସେହିପରି ମାଘ ସପ୍ତମୀ ବୁଡ ପକାଇବାରୁ ଭକ୍ତଙ୍କୁ ସରକାର ବାରଣ କଲେ। ଖଣ୍ଡଗିରି ମେଳାକୁ ମଧ୍ୟ ବନ୍ଦ କରାଯିବା ସହ ଅନ୍ୟାନ୍ୟ ସମସ୍ତ ଧାର୍ମିକ ସମାବେଶକୁ ସରକାର ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପଞ୍ଚାୟତ ନିର୍ବାଚନ ସମୟରେ କେବଳ ତିନିଶହ ଲୋକଙ୍କୁ ନେଇ ରାଜନୈତିକ ସମାବେଶ କରିବାକୁ ନିର୍ଦ୍ଦେଶ ରହିଥିବା ବେଳେ କେଉଁ ସ୍ୱାର୍ଥରେ ଶରଧାବାଲିରେ ହଜାର ହଜାର ଇସ୍କନ ଦେଶୀ ଓ ବିଦେଶୀ ଧାର୍ମିକ ସମାବେଶ କରିଛନ୍ତି ବୋଲି ପଟ୍ଟନାୟକ ପ୍ରଶ୍ନ କରିଛନ୍ତି। ଲୋକଙ୍କୁ ଶ୍ରୀମନ୍ଦିର ଗର୍ଭଗୃହରେ ଦର୍ଶନ ପାଇଁ ଅନୁମତି ନ ଥିବାବେଳେ କିଭଳି ରାଷ୍ଟ୍ରପତିଙ୍କୁ ସେଠାରେ ଦର୍ଶନ ପାଇଁ ପ୍ରଶାସନ ସୁଯୋଗ ଦେଉଛି ବୋଲି ପଟ୍ଟନାୟକ ସ୍ମାରକପତ୍ରରେ ପଚାରିଛନ୍ତି।



ତାମିଲନାଡୁର ଛାତ୍ରୀ ଲାବଣ୍ୟାଙ୍କୁ ନ୍ୟାୟ ଦାବିରେ ଶୁକ୍ରବାର ଏବିଭିପି ପକ୍ଷରୁ ଖୋର୍ଦ୍ଧାସ୍ଥିତ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।



କଟକ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ସୂର୍ଯ୍ୟ ନମସ୍କାର ଓ ସମୂହ ଯୋଗ ଶିବିର।



ରାଷ୍ଟ୍ରପତିଙ୍କ ପୁରୀ ଗସ୍ତ ପାଇଁ ଜିଲା ପ୍ରଶାସନ ଆଇନ୍ ଉଲ୍ଲଂଘନ କରୁଥିବା ଅଭିଯୋଗ ଆଣି ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଶୁକ୍ରବାର ଉପଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଛି।

## ସଂକ୍ଷେପରେ

### ବୁଥ୍‌ରେ ଜଣେ ବ୍ୟକ୍ତିଙ୍କ ୨ ଥର ମତଦାନ

ନିଶ୍ଚିନ୍ତକୋଇଲି,୧୮।୨(ସ୍ୱ.ପ୍ର.)- ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ପଞ୍ଚାୟତ ଅନ୍ତର୍ଗତ ୮ ନମ୍ବର ୱାର୍ଡରେ ହୋଇଥିବା ବୁଥ୍‌ରେ ଜଣେ ବ୍ୟକ୍ତି ୨ ଥର ମତଦାନ କରିବାକୁ ସକ୍ଷମ ହୋଇଛନ୍ତି। ଏହା ଜଣାପଡ଼ିବା ପରେ ଉକ୍ତ ବୁଥ୍‌ରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ଘଟଣା ପ୍ରଘଟ ହେବା ପରେ ପ୍ରିଜାଇଡିଂ ଅଫିସର ଏକ ଖଣ୍ଡ ଅଧିକ ଭୋଟ ଦିଆଯାଇଥିବା ନେଇ ଲିଖିତ ଆକାରରେ ପୋଲିଂ ଏଜେଣ୍ଟଙ୍କୁ ଦେବାପରେ ଉତ୍ତେଜନା ପ୍ରଶମିତ ହୋଇଛି। ଏହି ୱାର୍ଡରେ ପ୍ରକାଶ ପାଇଥିବା ଭୋଟର ତାଲିକାର ୨୧୩ ଓ ୨୪୯ ନମ୍ବରରେ ଜଣେ ବ୍ୟକ୍ତିଙ୍କ ନାମ ରହିଥିଲା। ଏହାର ସୁଯୋଗ ନେଇ ସମ୍ପୃକ୍ତ ବ୍ୟକ୍ତି ଜଣକ ଭୋଟ ଦେଇଥିଲେ। ଏନେଇ ପୋଲିଂ ଏଜେଣ୍ଟମାନେ ଅଭିଯୋଗ କରିଥିଲେ। ତଦନ୍ତ ପରେ ଏହା ଜଣାପଡିଥିଲା। ପ୍ରିଜାଇଡିଂ ଅଫିସର ଏନେଇ ଲିଖିତ ଭାବେ ଜଣାଇବା ପରେ ବାଲଟ୍ ବାକ୍ସ ନେଇ ଷ୍ଟ୍ରଙ୍ଗରୁମ୍‌କୁ ଯାଇଥିଲେ। ଏସମ୍ପର୍କରେ ନିର୍ବାଚନ ଅଧିକାରୀ କର୍ଣ୍ଣଦେବ ସମାଦ୍ଦାର କହିଛନ୍ତି, ଅଭିଯୋଗ ମିଳିଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

### ରୋଟାରି କ୍ଲବ କଟକ ସେଣ୍ଟ୍ରାଲର ସ୍ୱନକ୍ଷତ୍ର ଉତ୍ସବ

**କଟକ ଅଫିସ, ୧୮।୨:** ରୋଟାରି କ୍ଲବ କଟକ ସେଣ୍ଟ୍ରାଲର ସ୍ୱନକ୍ଷତ୍ର ଦିବସ କଟକ ବିଡ଼ାନାସୀସ୍ଥିତ ବସୁନ୍ଧରାଠାରେ ଶୁକ୍ରବାର ପାଳିତ ହୋଇଯାଇଛି। କ୍ଲବ୍ ସଭାପତି ଧନଞ୍ଜୟ ମୁଣ୍ଡଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶାନ୍ତନୁ ପାଣି ମୁଖ୍ୟ ଅତିଥି ଓ କୃଷ୍ଣ କୁମାର ଦାସବର୍ମା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଉଦୟନାଥ ବେହେରା ଓ ପ୍ରଫେସର ଆର୍.ପି. ମହାନ୍ତିଙ୍କୁ ନୂତନ ସଦସ୍ୟ ଭାବେ ସାମିଲ କରାଯାଇଥିଲା। ଏଥିସହ ଡା. ଆଶିଷ ବାରିକ ଓ ଡା. ଉଦୟନାଥ ବେହେରାଙ୍କୁ କରୋନା ଯୋଦ୍ଧା ଭାବେ ସମ୍ମାନିତ କରାଯାଇଥିଲା।

**୪ବର୍ଷରୁ କମ୍ ପିଲାଙ୍କ ପାଇଁ ହେଲ୍‌ମେଟ ବାଧ୍ୟତାମୂଳକ ପ୍ରସଙ୍ଗ**

# ‘ପିଲାଙ୍କ ସୁରକ୍ଷା ସଭିଙ୍କ ଦାୟିତ୍ୱ’

**ସେଣ୍ଟ୍ରାଲ୍ ମୋଟର ଭେହିକିଲ୍(୨ୟ ସଂଶୋଧନ) ନିୟମ, ୨୦୨୦ ଅନୁସାରେ ବାଇକ୍‌ରେ ଯାତ୍ରା କରୁଥିବା ୪ବର୍ଷରୁ କମ୍ ପିଲାଙ୍କ ପାଇଁ ଏବେ ହେଲ୍‌ମେଟ୍ ଏବଂ ସୁରକ୍ଷା ବେଲ୍‌ଟକୁ ବାଧ୍ୟତାମୂଳକ କରାଯାଇଛି। ବୁଧବାର କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରଣାଳୟ ପକ୍ଷରୁ ଏନେଇ ସୂଚନା ଦିଆଯାଇଛି। ୨ଚକିଆ ଯାନରେ ଯିବାବେଳେ ପିଲାଙ୍କ ପାଇଁ ହେଲ୍‌ମେଟ୍ ଏବଂ ସୁରକ୍ଷା ଜ୍ୟାକେଟ୍ ବାଧ୍ୟତାମୂଳକ କରାଯିବା ସହିତ ପିଲା ଯାତ୍ରା କରୁଥିବା ଗାଡ଼ିର ସର୍ବାଧିକ ବେଗ ଘଣ୍ଟାପ୍ରତି ୪୦ କିଲୋମିଟରରୁ ଅଧିକ ହେବ ନାହିଁ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏହି ନୂଆ ନିୟମ ୨୦୨୩ ଫେବୃୟାରୀ ୧୫ ତାରିଖରୁ ଲାଗୁ ହେବ। ନିୟମ ଉଲ୍ଲଂଘନ କଲେ ୧ହଜାର ଟଙ୍କା ଜରିମାନା ସହିତ ୩ ମାସ ପର୍ଯ୍ୟନ୍ତ ଲାଇସେନ୍ସ ରଦ୍ଦ କରାଯିବାର ନିୟମ ରହିଛି। କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରଣାଳୟର ଏହି ନିଷ୍ପତ୍ତିକୁ ବିଭିନ୍ନ ମହଲ୍‌ରୁ ସ୍ୱାଗତ କରାଯାଇଛି।**



### ନୂଆ ନିୟମ ସମସ୍ତେ ମାନିବା ଉଚିତ



ଦେଶରେ ଅଧିକାଂଶ ଲୋକ ଯିବା ଆସିବା ପାଇଁ ୨ଚକିଆ ଯାନ ବ୍ୟବହାର କରନ୍ତି। ତେବେ ବର୍ତ୍ତମାନ ଯେଭଳି ଭାବରେ ଦୁର୍ଘଟଣା ବଢ଼ିଚାଲିଛି, ତାକୁ ନଜରରେ ରଖିଲେ ବାଇକ୍‌ରେ ଯାତାୟାତ ସମୟରେ ସମସ୍ତେ ହେଲ୍‌ମେଟ୍ ପିନ୍ଧିବା ଦରକାର। ଆଜିର ଶିଶୁ କାଲିର ନାଗରିକ। ତେଣୁ ସେମାନଙ୍କ ସୁରକ୍ଷା ପାଇଁ କେନ୍ଦ୍ର ସଡ଼କ ମନ୍ତ୍ରଣାଳୟ ପକ୍ଷରୁ ପିଲାଙ୍କ ହେଲ୍‌ମେଟ୍ ପିନ୍ଧିବା ବାଧ୍ୟତାମୂଳକ ନିୟମକୁ ଆମେ ସମସ୍ତେ ମାନିବା ଉଚିତ୍।

**– ଦୀପକ କୁମାର ଓଝା, ଭୁବନେଶ୍ୱର**

### ଅଭିଭାବକ ମଧ ଟ୍ରାଫିକ୍ ନିୟମ ମାନନ୍ତୁ



ଛୋଟଛୋଟ ପିଲାଙ୍କ ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ। ୨ଚକିଆ ଯାନରେ ଯିବାବେଳେ ଛୋଟ ପିଲାଙ୍କ ପାଇଁ ହେଲ୍‌ମେଟ୍‌କୁ ବାଧ୍ୟତାମୂଳକ କରାଯିବା ନିଷ୍ପତ୍ତି କେନ୍ଦ୍ର ସରକାରଙ୍କ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କେବଳ ଏତିକି ନୁହେଁ, ସମସ୍ତ ଅଭିଭାବକ ମଧ ଟ୍ରାଫିକ୍ ନିୟମ ମାନି ଗାଡ଼ି ଚଳେଇବା ଆବଶ୍ୟକ। ୪ବର୍ଷରୁ କମ୍ ପିଲାଙ୍କ ପାଇଁ ହେଲ୍‌ମେଟ ବାଧ୍ୟତାମୂଳକ ନିୟମ ଲାଗୁ ହେବାପରେ ଟ୍ରାଫିକ୍ ପୋଲିସ ପକ୍ଷରୁ ମଧ ଉପଯୁକ୍ତ ଯାଞ୍ଚ କରିବାର ଆବଶ୍ୟକ ମଧ ରହିଛି।

**– ସନ୍ଧ୍ୟାବତୀ ପ୍ରଧାନ, ଅଧକ୍ଷା, ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ**

### ହେଲ୍‌ମେଟ ବାଧ୍ୟତାମୂଳକ ନିଷ୍ପତ୍ତି ସ୍ୱାଗତଯୋଗ୍ୟ



ଦେଶ ତଥା ରାଜ୍ୟରେ ସଡ଼କ ଦୁର୍ଘଟଣା ହାର ବୃଦ୍ଧି ପାଇବାରେ ଲାଗିଛି। ଏଥିରେ ବହୁ ଜୀବନ ଚାଲିଯାଉଛି। ବୟସ୍କଙ୍କ ସହ ଶିଶୁମାନେ ମଧ ଦୁର୍ଘଟଣାର ଶିକାର ହେଉଛନ୍ତି। ଭଲ ଭାବେ ଦୁନିଆ ଦେଖିବା ପୂର୍ବରୁ ସେମାନଙ୍କ ଜୀବନ ନଷ୍ଟ ହୋଇଯାଉଛି। ତେଣୁ ହେଲ୍‌ମେଟ୍ ସହିତ ସୁରକ୍ଷା ଜ୍ୟାକେଟ୍ ବାଧ୍ୟତାମୂଳକ କରାଯିବା ନିଷ୍ପତ୍ତି ଏକ ଭଲ ପଦକ୍ଷେପ। ଅଭିଭାବକମାନେ ମଧ ଶିଶୁଙ୍କ ସୁରକ୍ଷା ପ୍ରତି ଯତ୍ନବାନ ହେବା ଆବଶ୍ୟକ।

**– ଝୁନାରାଣୀ ସାହୁ, ଗୃହିଣୀ, ଭୁବନେଶ୍ୱର**

### ଫାଇବ୍ରୋଟିକ୍ ହେଲ୍‌ମେଟ୍ ସହାୟକ ହେବ



କେନ୍ଦ୍ର ସରକାରଙ୍କ ଏହା ଏକ ଉତ୍ତମ ଏବଂ ସ୍ୱାଗତଯୋଗ୍ୟ ପଦକ୍ଷେପ। ତେବେ ପିଲାମାନଙ୍କ ପାଇଁ କମ୍ ଓଜନର ହେଲ୍‌ମେଟ୍ ତିଆରି ହେବା ଆବଶ୍ୟକ। ସେମାନଙ୍କ ପାଇଁ ଫାଇବ୍ରୋଟିକ୍ ହେଲ୍‌ମେଟ୍ ବିଶେଷ ଉପଯୋଗୀ ହେବ। ଏହି ହେଲ୍‌ମେଟ୍ ବ୍ୟବହାର ଦ୍ୱାରା ପିଲାଙ୍କୁ ଅଧିକ ଓଜନ ସହିବାକୁ ପଡ଼ିବ ନାହିଁ ଏବଂ ଏହା ତାଙ୍କୁ ଦୁର୍ଘଟଣାରୁ ମଧ ରକ୍ଷା କରିବାରେ ବେଶ୍ ସହାୟକ ହେବ।

**– ଡାକ୍ତର ସ୍ୱର୍ଣ୍ଣଲତା ଦାସ, ସହକାରୀ ପ୍ରଫେସର (ଶିଶୁରୋଗ ବିଭାଗ)**

### ପୂର୍ବରୁ କାର୍ଯ୍ୟକାରୀ କରିବାର ଥିଲା



ବର୍ତ୍ତମାନର ଦୁର୍ଘଟଣାର ହାରକୁ ଦେଖିଲେ ଏହି ନିୟମ ବହୁ ପୂର୍ବରୁ କାର୍ଯ୍ୟକାରୀ କରିବାର ଥିଲା। ପୂର୍ବରୁ କେବଳ ବଡ଼ ଲୋକଙ୍କ ପାଇଁ ହେଲ୍‌ମେଟ୍ ପିନ୍ଧିବା ନିୟମ ଥିବାବେଳେ କୁନିକୁନି ପିଲାମାନେ ଦୁର୍ଘଟଣାର ଶିକାର ହେବାର ଆଶଙ୍କା ରହୁଥିଲା। ସରକାରଙ୍କ ଏହି ନିୟମକୁ ପ୍ରତ୍ୟେକ ଅଭିଭାବକ ମାନିବା ଆବଶ୍ୟକ। ପିଲାଙ୍କ ସୁରକ୍ଷା ପାଇଁ ବେଗ କମ୍ ରଖି ନିରାପଦରେ ଯାତ୍ରା କରିବା ଉଚିତ।

**– ପ୍ରକାଶ ମହାରଣା, ରାୟଗଡ଼ା**

### ଅବସରପ୍ରାପ୍ତ ପୋଲିସ ଏଏସ୍ଆଇଙ୍କ ସମେତ ୨ ଗିରଫ

**ପୋଲିସ ପରିଚୟ ଦେଇ ଟଙ୍କା ଆଦାୟ କରୁଥିଲେ**

ଭୁବନେଶ୍ୱର,୧୮।୨(ବ୍ୟୁରୋ)

ପୋଲିସ ପରିଚୟ ଦେଇ ମିଛ ମାମଲାରେ ଫସାଇବାକୁ ଧମକାଇ ଲୋକଙ୍କଠାରୁ ଟଙ୍କା ଆଦାୟ କରୁଥିବା ୨ଜଣଙ୍କୁ ଲିଙ୍ଗରାଜ ଥାନା ପୋଲିସ ଓ ସ୍ପେଶାଲ ସ୍କ୍ୱାଡ୍ ଶୁକ୍ରବାର ଗିରଫ କରିଛି। ସେମାନେ ହେଲେ ଶହୀଦନଗର ଥାନାଞ୍ଚଳରେ ରହୁଥିବା ଅବସରପ୍ରାପ୍ତ ପୋଲିସ ଏଏସ୍ଆଇ ଜ୍ଞାନରଞ୍ଜନ ମହାନ୍ତି (୬୦) ଓ ନୟାପଲ୍ଲୀର କାହ୍ନୁଚରଣ ସାହୁ(୫୮)। ପୋଲିସ ମାମଲା (ନଂ. ୪୦/୨୦୨୨) ରୁଜୁ କରି ସେମାନଙ୍କୁ କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ଅଭିଯୁକ୍ତ ଜ୍ଞାନରଞ୍ଜନ ରାଜ୍ୟ ପୋଲିସର କମ୍ୟୁନେଶନ ବିଭାଗରୁ ଏଏସ୍ଆଇ ଭାବେ ନିକଟରେ ଅବସର ଗ୍ରହଣ କରିଛନ୍ତି। ସେ ସହଯୋଗୀ କାହ୍ନୁଚରଣଙ୍କ ସହ ଶହୀଦନଗର ଓ ସତ୍‌ସଙ୍ଗବିହାର ଅଞ୍ଚଳରେ ବୁଲାବୁଲି କରନ୍ତି। ଲୋକଙ୍କ କାର୍ଯ୍ୟକଳାପକୁ ଲକ୍ଷ୍ୟ କରିବା ସହ ସୁଯୋଗ ଦେଖି ଏକୁଟିଆ ଦେଖି ବାଇକରେ ପିଛା କରନ୍ତି। ସେମାନଙ୍କୁ ଅଟକାଇବା ପରେ ନିଜକୁ ପୋଲିସ ବା ସ୍ପେଶାଲ ସ୍କ୍ୱାଡ୍ କର୍ମଚାରୀ ଭାବେ ପରିଚୟ ଦେଇ ଭୟଭୀତ କରନ୍ତି। କେତେକ କ୍ଷେତ୍ରରେ ସେମାନଙ୍କୁ ଗିରଫ କରିବାକୁ ଧମକ ଦେଇ ଟଙ୍କାପଇସା ଲୁଟ୍ କରିଥାନ୍ତି। ନିକଟରେ ୨ ଅଭିଯୁକ୍ତ ନିଜକୁ ପୋଲିସ କର୍ମଚାରୀ କହି ମିଛ ମାମଲାରେ ଫସେଇ ଦେବାର ଧମକ ଦେଇ ଜଣେ ବ୍ୟକ୍ତିଙ୍କଠାରୁ ୮ ହଜାର ଟଙ୍କା ନେଇଯାଇଥିଲେ। ପୋଲିସ ଓ ସ୍ପେଶାଲ ସ୍କ୍ୱାଡ୍ ମିଳିତ ତଦନ୍ତ କରି ଅଭିଯୁକ୍ତ ଓ ସେମାନଙ୍କ ଦ୍ୱାରା ବ୍ୟବହୃତ ଗାଡି ବିଷୟରେ ତଥ୍ୟ ହାସଲ କରିଥିଲା। ସେମାନଙ୍କୁ ଗିରଫ କରିବା ସହ ଗାଡିକୁ ମଧ ଜବତ କରାଯାଇଛି। ପୋଲିସ ଘଟଣାରେ ଅଧିକ ତଦନ୍ତ ଚଳାଇଛି।





ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଗସ୍ତ ପରିପ୍ରେକ୍ଷୀରେ ଶୁକ୍ରବାର ପୁରୀରେ ପୋଲିସ ପକ୍ଷରୁ କାର୍‌କେଡ୍ ରିହର୍ସାଲ ଓ ରହଣି ସ୍ଥଳ ରାଜଭବନକୁ ସଜା ଯାଇଛି।

### ସରପଞ୍ଚ ପ୍ରାର୍ଥିନୀଙ୍କ ପୁଅକୁ ମରଣାନ୍ତକ ଆକ୍ରମଣ

ନିଶ୍ଚିନ୍ତକୋଇଲି,୧୮।୨(ସ୍ୱ.ପ୍ର.)

କଟକ ସଦର ନିର୍ବାଚନମଣ୍ଡଳୀ ତଥା ନିଶ୍ଚିନ୍ତକୋଇଲି ବ୍ଲକ ଉତ୍ତରକୂଳ ପଞ୍ଚାୟତ ସରପଞ୍ଚ ପ୍ରାର୍ଥିନୀ ସସ୍ମିତା ବିଶ୍ୱାଳଙ୍କ ପୁତ୍ର ଶ୍ରୀନିବାସଙ୍କ ଉପରେ ଗୁରୁବାର ରାତିରେ ମରଣାନ୍ତକ ଆକ୍ରମଣ ହୋଇଥିବା ନେଇ ଅଭିଯୋଗ ହୋଇଛି। ତାଙ୍କର ଅବସ୍ଥା ଗୁରୁତର ଥିବାରୁ ଚିକିତ୍ସା ନିମନ୍ତେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ରାତିରେ ସରପଞ୍ଚ ପ୍ରାର୍ଥିନୀ ବିଶ୍ୱାଳଙ୍କ ପୁତ୍ର ଜଣେ ବନ୍ଧୁଙ୍କ ଘରୁ ନିଜ ବାସଭବନ ବିରିବନ୍ଧକୁ ଆସୁଥିଲେ। ଏହି ସମୟରେ ମୁଗୁରିଆ ନିକଟରେ କେତେଜଣ ବ୍ୟକ୍ତି ତାଙ୍କ ଉପରେ ବାଉଁଶ ଓ ରଡରେ ମରଣାନ୍ତକ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏ ସମ୍ପର୍କରେ ଆହତ ଯୁବକଙ୍କ ବାପା ତଥା ଉତ୍ତରକୂଳ ସରପଞ୍ଚ ଦିଲୀପ କୁମାର ବିଶ୍ୱାଳ କିଶନନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ଥାନାରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସସ୍ମିତା ରଣା କହିଛନ୍ତି। ତେବେ ପୋଲିସ ଏହି ଘଟଣାରେ କାହାରିକୁ ଗିରଫ କରି ନ ଥିବା ଜଣାପଡ଼ିଛି।







# ଆଠଗଡ଼ରେ ମନ୍ତ୍ରୀ, ଏମ୍‌ପିଙ୍କ ରୋଡ୍ ଶୋ’

ଆଠଗଡ଼, ୧୮।୨(ସ୍ୱ.ପ୍ର.)

ଆଠଗଡ଼ ବ୍ଲକ ଅଞ୍ଚଳରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ୩ଟି ଜିଲା ପରିଷଦ ଜୋନରେ ମାରାଥନ ପ୍ରଚାର ସହ ରୋଡ ଶୋ କରିଛନ୍ତି। ଏକ ନମ୍ବର ଜୋନରୁ ବିଜେଡି ପ୍ରାର୍ଥୀ ଅଶାନ୍ତି ବେହେରା ରଘୁନାଥପୁର ଛକରୁ ପ୍ରଚାର ଆରମ୍ଭ କରି କୁଲାଇଲୋ ପଞ୍ଚାୟତଠାରେ ଶେଷ କରିଛନ୍ତି। ୨ ନମ୍ବର ଜୋନର କଣ୍ଡରେଇ ପଞ୍ଚାୟତ ଆଦି ସହ ୩ ନଂ. ଜୋନର ରାଧାଗୋବିନ୍ଦପୁର ହନୁମାନ ମନ୍ଦିରଠାରୁ ଦଳୀୟ ପ୍ରାର୍ଥୀ ବଳଭଦ୍ର ବାଘଙ୍କ ସହ ପ୍ରଚାର ଆରମ୍ଭ କରି ମେଘା ପଞ୍ଚାୟତରେ ଶେଷ କରିଛନ୍ତି। ପ୍ରଚାରରେ ଦଳୀୟ ସରପଞ୍ଚ ଏବଂ ସମିତି ସଭ୍ୟ ପ୍ରାର୍ଥୀମାନେ ସାମିଲ ହୋଇଥିଲେ। ଏଥିସହ କଟକ ଏମ୍‌ପି ମହତାବ ମଧ ଏହି ରୋଡ ଶୋରେ ସାମିଲ ହୋଇ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର ସହ ଭୋଟ ଭିକ୍ଷା କରିଥିଲେ।



ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିଜେଡି ପ୍ରାର୍ଥୀଙ୍କ ପାଇଁ ରୋଡ ଶୋ’ କରୁଛନ୍ତି।

### ରମାଦେବୀରେ ଓଏସ୍‌ଏଚ୍‌ଇସି ଟିମ୍‌ର ଏକାଡେମିକ ଅଡିଟ୍

ଭୁବନେଶ୍ୱର,୧୮।୨(ବ୍ୟୁରୋ)

ଓଡ଼ିଶା ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦ(ଓଏସ୍‌ଏଚ୍‌ଇସି)ର ଏକ ୪ଜଣିଆ ଟିମ୍ ଶୁକ୍ରବାର ରମାଦେବୀ ବିଶ୍ୱବିଦ୍ୟାଳୟର ଏକାଡେମିକ ଅଡିଟ କରିଛନ୍ତି। ପ୍ରଫେସର ସୁସ୍ମିତ କୁମାର ପାଣି, ପ୍ରଦୀପ କୁମାର ବେହେରା, ଶ୍ୱେତାଂଶୁ କୁମାର ରଥ ଏବଂ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଅତନୁ କୁମାର ପତିଙ୍କୁ ନେଇ ଗଠିତ ଏହି ଟିମ୍ ରମାଦେବୀରେ ୨ଦିନିଆ ଅଡିଟ ଆରମ୍ଭ କରିଛନ୍ତି। ପ୍ରଥମ ଦିନରେ ଏହି ଟିମ୍ ରମାଦେବୀ ବିଶ୍ୱ ବିଦ୍ୟାଳୟର କୁଳପତି ଅପରାଜିତା ଚୌଧୁରୀଙ୍କ ସହ ପ୍ରାରମ୍ଭିକ ଆଲୋଚନା କରିଛନ୍ତି। ଏହି ଅଡିଟ୍ ନାକ୍ ମାନ୍ୟତା ପାଇଁ ପ୍ରସ୍ତୁତିରେ ବିଶେଷ ସହାୟକ ହେବ ବୋଲି ଅପରାଜିତା କହିଛନ୍ତି। ପ୍ରଥମ ଥର ପାଇଁ ଓଏସ୍‌ଏଚ୍‌ଇସିର ଟିମ୍ ଏକାଡେମିକ ଅଡିଟ କରୁଛି, ଯାହାକି ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକର ଗ୍ରେଡ୍ ଏବଂ ର୍‍ୟାଙ୍କରେ ଉନ୍ନତି ଆଣିବାରେ ଲାଭବାନ ହେବ। ଏହା ବିଶେଷକରି ବିଶ୍ୱବିଦ୍ୟାଳୟର ପ୍ରତ୍ୟେକ ବିଭାଗକୁ ଅନୁଧ୍ୟାନ କରିବା ସହ ଏହାର ଗୁଣବତ୍ତା ସମ୍ପର୍କରେ ତଥ୍ୟ ସଂଗ୍ରହ କରିବ। ପ୍ରାଥମିକ ପର୍ଯ୍ୟାୟରେ ଏହି ଟିମ୍ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସମେତ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ, ସମ୍ବଲପୁର ଏବଂ ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂ ସହାୟକ ମହାବିଦ୍ୟାଳୟରେ ଅଡିଟ କରିବ। ଏ ସମସ୍ତ ଅଡିଟ ଫେବୃୟାରୀ ଶେଷ ସୁଦ୍ଧା ସାରିବାକୁ ଲକ୍ଷ୍ୟ ରଖାଯାଇଛି।

# ଦୁଇ ବ୍ଲକରେ ଶୃଙ୍ଖଳିତ ମତଦାନ

ନିଶ୍ଚିନ୍ତକୋଇଲ/ ବଡ଼ମ୍ବା , ୧୮।୨(ସ୍ୱ.ପ୍ର./ ଡି.ଏନ.ଏ.)

ନିଶ୍ଚିନ୍ତକୋଇଲି ବ୍ଲକର ୫ ଜିଲା ପରିଷଦ ଜୋନରେ ଶୁକ୍ରବାର ମତଦାନ ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ୮୦% ବୁଥରେ ମତଦାନ ହୋଇଛି। ୨୪ ନମ୍ବର ଜୋନ୍‌ରେ ୭୨.୨%, ୨୫ ନମ୍ବରରେ ୭୯.୭%, ୨୬ ନମ୍ବରରେ ୭୭.୬%, ୨୭ ନମ୍ବରରେ ୭୯.୧ ଓ ୨୮ ନମ୍ବର ଜୋନରେ ୭୭% ମତଦାନ ହୋଇଛି। ବ୍ଲକରେ ୫୯୦ ବୁଥରେ ୧ଲକ୍ଷ ୬୬ହଜାର ୨୭୭ ଭୋଟର ମତଦାନ କରିଛନ୍ତି। ୧୪ ଜିଲା ପରିଷଦ ପ୍ରାର୍ଥୀ, ୧୯୦ ସରପଞ୍ଚ ପ୍ରାର୍ଥୀ, ୧୫୧ ସମିତିସଭ୍ୟ ପ୍ରାର୍ଥୀ ଓ ୧୨ଶହ ୪୪ଜଣ ୱାର୍ଡ ସଭ୍ୟ ପ୍ରାର୍ଥୀଙ୍କ ଭାଗ୍ୟ ବାଲାଟ ବକ୍ସରେ ଆବଦ୍ଧହୋଇ ଷ୍ଟ୍ରଙ୍ଗରୁମ୍‌ରେ ରହିଛି। କଟକ ଜିଲା ପର୍ଯ୍ୟବେକ୍ଷକ ଆଲୋକ କର ବିଭିନ୍ନ ବୁଥ ପରିଦର୍ଶନ କରିଛନ୍ତି। ଅପରାହ୍ନ ୧ଟା ପର୍ଯ୍ୟନ୍ତ ମତଦାନ ସମୟ ନିର୍ଘଣ୍ଟ ହୋଇଥିଲା। ତେବେ ଅଧିକ ଭୋଟ ପାଇଁ ଲେଣ୍ଟୁରାଭଗବାନପୁରର ୫ ନଂ. ବୁଥ, ତରତ ପଞ୍ଚାୟତ ଦାମୋଦରପୁର ଗ୍ରାମର ୯ନଂ. ବୁଥ, ଜିଗ୍ନିପୁର ପଞ୍ଚାୟତ ବାହାବଳପୁର ବୁଥରେ ବିଳମ୍ବିତ ସମୟ ପର୍ଯ୍ୟନ୍ତ ମତଦାନ କରାଯାଇଥିଲା। କଟକ ଉପଜିଲାପାଳ ପ୍ରତାପ ଚନ୍ଦ୍ର ବେଉରିଆ ଓ ଗ୍ରାମାଞ୍ଚଳ ଡିଏସ୍‌ପି ରଞ୍ଜିତ କୁମାର ପୃଷ୍ଟି, ନିଶ୍ଚିନ୍ତକୋଇଲି ଅତିରିକ୍ତ ତହସିଲଦାର କ୍ରିଷ୍ଣା ପାତ୍ରୀଙ୍କ ସମେତ ବହୁ ଅଧିକାରୀ ଆଇନଶୃଙ୍ଖଳା ରକ୍ଷା କରିଥିଲେ। ବିଡିଓ କର୍ଣ୍ଣଦେବ ସମାଦ୍ଦାର ଓ ଜିପିଓ ଜନ୍ମେଜୟ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ ବୁଥ୍‌ର ସେକ୍ଟର ଅଫିସରମାନେ ଭୋଟ ବାକ୍ସ ଆଣି ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟ ଛାତ୍ରୀ ନିବାସରେ ଷ୍ଟ୍ରଙ୍ଗରୁମ୍‌ରେ ରଖିଥିଲେ। ନିଶ୍ଚିନ୍ତକୋଇଲି, ଦହପଡ଼ା, ଲେଣ୍ଟୁରାଭଗବାନପୁର, ବାହାବଳପୁର, କେନ୍ଦୁପାଟଣା ପଞ୍ଚାୟତର ନଟରା ଆଦି ବୁଥ୍‌ରେ ସାମାନ୍ୟ ଉତ୍ତେଜନା ଦେଖିବାକୁ ମିଳିଥିଲା।

ସେହିପରି ବଡ଼ମ୍ବା ବ୍ଲକରେ ଶୁକ୍ରବାର ଶାନ୍ତି ଶୃଙ୍ଖଳାର ସହ ମତଦାନ ଶେଷ ହୋଇଛି। ବ୍ଲକ ଅନ୍ତର୍ଗତ ୩୮ ପଞ୍ଚାୟତର ୧୩ ଜିଲ୍ଲା ପରିଷଦ, ୧୨୩ ସମିତିସଭ୍ୟ, ୧୦୯ ସରପଞ୍ଚ ଓ ୨୦୦୦ ୱାର୍ଡ ସଭ୍ୟ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି। ଏଥିଲାଗି ୧ ଲକ୍ଷ ୧୬ ହଜାର ୧୦୪ ଭୋଟର ୪୯୦ ବୁଥ୍‌ରେ ମତଦାନ କରିଛନ୍ତି। ବ୍ଲକରେ ୮୨% ମତଦାନ ହୋଇଥିବା ନିର୍ବାଚନ ଅଧିକାରୀ ତଥା ବିଡିଓ ଉତ୍କଳ ରଞ୍ଜନ ଆଚାର୍ଯ୍ୟ ସୂଚନା ଦେଇଛନ୍ତି।






## ନଗର ବିଜେଡି ୱାର୍ଡ କାର୍ଯ୍ୟକାରିଣୀ ବୈଠକ

**କଟକ ଅଫିସ:** କଟକ ନଗର ବିଜେଡି ୱାର୍ଡ ନଂ. ୨୯ର କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ପିଠାପୁର ମଦନମୋହନ ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ବିଜେଡି ସଭାପତି ଦେବାଶିଷ ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୁଥସ୍ତରୀୟ ସଙ୍ଗଠନ ଓ ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ବନ୍ଧରେ ଆଲୋକପାତ କରିଥିଲେ। ୱାର୍ଡ ସଭାପତି ସପନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ନଗର ବିଜେଡି ସଭାପତି ମଧୁସୂଦନ ସାହୁ, ରଞ୍ଜନ ବିଶ୍ୱାଳ, ମହମ୍ମଦ ସକିଲ, ଧର୍ମେଶ ନାୟକ, ପୂର୍ଣ୍ଣିମା ସିଂ, ଜିଲା ମହିଳା ସଭାପତି ଅନିତା ବେହେରା, ରମ୍‌ଜାନ ଖାନ, ପ୍ରବୀଣ ବରାଳ, ଜଗତଜ୍ୟୋତି ପଟ୍ଟନାୟକ, କେଦାର ପୃଷ୍ଟି, ସ୍ୱପ୍ନା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

କଟକ

- ସଂଗ୍ରାମୀ ଫୋରମ୍ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ଗୌରାଙ୍ଗ ଚରଣ ଦାସ ଓ ଶଶୀଭୂଷଣ ଦାସଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ୱରାଜ ଆଶ୍ରମ, ପୂର୍ବାହ୍ନ ୧୧ଟା ୩୦।
- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ କଥାକାର ମନୋଜ ଦାସଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବ, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା।

# ଶୁଣାଣି ପୂର୍ବରୁ ସୂଚନା ଦିଆଯାଇ ନ ଥିଲା

କଟକ ଅଫିସ,୧୮।୨




■ସରିଲା ଭୋଟର ତାଲିକା ତ୍ରୁଟି ସଂଶୋଧନ ଶୁଣାଣି

■୧୦୦ରୁ ଉପସ୍ଥିତ ଥିଲେ ୮ ଅଭିଯୋଗକାରୀ

ଭୋଟର ତାଲିକା ତ୍ରୁଟି ସଂଶୋଧନ ନିମନ୍ତେ ଆବେଦନ କରାଯାଇଥିବା ଅଭିଯୋଗର ଶୁଣାଣି ଶୁକ୍ରବାର କଟକ ମହାନଗର ନିଗମ(ସିଏମ୍‌ସି) କାର୍ଯ୍ୟାଳୟରେ କରାଯାଇଥିଲା। ହେଲେ ଏହି ଶୁଣାଣି ପାଇଁ ସିଏମ୍‌ସି ପକ୍ଷରୁ କୌଣସି ସୂଚନା ଦିଆଯାଇ ନ ଥିବା ଅଭିଯୋଗକାରୀମାନେ ଅଭିଯୋଗ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଗତ ବୁଧବାର ସୁଦ୍ଧା ସିଏମ୍‌ସି ନିକଟରେ ୧୦୦ ଜଣ ଭୋଟର ତାଲିକା ସଂଶୋଧନ ପାଇଁ ଅଭିଯୋଗ କରିଥିଲେ। ଶୁକ୍ରବାର ଶୁଣାଣି ସମୟରେ ୮ଟି ୱାର୍ଡରୁ ମାତ୍ର ୮ ଜଣ ଅଭିଯୋଗକାରୀ ଉପସ୍ଥିତ ଥିବା ସିଏମ୍‌ସି ନିର୍ବାଚନ ଅଧିକାରୀ ଅମିୟ ପଣ୍ଡା ସୂଚନା ଦେଇଛନ୍ତି । ଏହାପରେ ଅଭିଯୋଗଗୁଡିକ ଉପରେ ତର୍ଜମା କରାଯାଇ ଗ୍ରହଣ ଯୋଗ୍ୟ ଅଭିଯୋଗକୁ ରଖାଯାଇ ଅନ୍ୟଗୁଡିକୁ ରିଜେକ୍ଟ କରାଯିବ। ତେବେ ୧୦୦ ଅଭିଯୋଗ ମଧ୍ୟରୁ କେଉଁଗୁଡିକ ଗ୍ରହଣ କରାଗଲା ଏବଂ କେଉଁଗୁଡିକ ରିଜେକ୍ଟ କରାଗଲା ତାହାର ତାଲିକା ଶନିବାର ପ୍ରକାଶ ପାଇବ। ଏ ନେଇ ସିଏମ୍‌ସି ୧୮ନଂ. ୱାର୍ଡର ପୂର୍ବତନ କର୍ପୋରେଟର ଅରୁଣ ସେଠୀ କହିଛନ୍ତି, ଅଭିଯୋଗ ଶୁଣାଣି ବିଷୟରେ ତାଙ୍କୁ କୌଣସି ସୂଚନା ଦିଆଯାଇନାହିଁ। ଭୋଟର ତାଲିକା ସଂଶୋଧନ ପାଇଁ ସିଏମ୍‌ସି ପକ୍ଷରୁ ଠିକ୍ ଭାବରେ ପ୍ରଚାର ପ୍ରସାର କରା ନ ଯିବାରୁ ଅନେକ ଲୋକ ଅଭିଯୋଗ କରିପାରିଲେ ନାହିଁ। ଏବେ ଶୁଣାଣି ସମୟରେ ମଧ ସମାନ ପରିସ୍ଥିତି ଦେଖିବାକୁ ମିଳିଥିଲା। ସେଥିପାଇଁ ଏହି ଶୁଣାଣିରେ ଉପସ୍ଥିତ ରହିପାରିଲି ନାହିଁ ବୋଲି ସେ କହିଛନ୍ତି। ସେହିପରି ଭାଜପାର ସୁବାସ ମହାନ୍ତି କହିଛନ୍ତି, ପ୍ରାୟ ୨୦୦ ଲୋକଙ୍କୁ ଏକ୍‌ଜୁଟ କରି ଭୋଟର ତାଲିକା ସଂଶୋଧନ କରିବା ନେଇ ସିଏମ୍‌ସିରେ ଅଭିଯୋଗ କରିଥିଲି। ହେଲେ ଶୁଣାଣି କେବେ ହୋଇ ସରିଗଲା ସେ ବିଷୟରେ ଆମ ପାଖରେ ସୂଚନା ନାହିଁ। ତେବେ ଏଭିଳି ଅଭିଯୋଗକୁ ସିଏମ୍‌ସି ନିର୍ବାଚନ ଅଧିକାରୀ ପଣ୍ଡା ଖଣ୍ଡନ କରିଛନ୍ତି। ଅଭିଯୋଗ ଦାଖଲ ସମୟରେ ଦିଆଯାଇଥିବା ନୋଟିସ୍‌ରେ ଶୁଣାଣି ତାରିଖ ଲେଖାଯାଇଥିଲା। ତଦନୁଯାୟୀ ଶୁଣାଣି ହୋଇଥିଲା। ଏଥିପାଇଁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇ ନାହିଁ ବୋଲି ସେ କହିଛନ୍ତି।

## ଏସ୍‌ସିବି ମେଡିକାଲରୁ ଦଲାଲ ଗିରଫ

**କଟକ ଅଫିସ,୧୮।୨:** ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଆଇସିୟୁ ବେଡ୍ ଯୋଗାଇଦେବାକୁ କହି ରୋଗୀ ସମ୍ପର୍କୀୟଙ୍କୁ ଟଙ୍କା ନେବା ଅଭିଯୋଗରେ ମଙ୍ଗଳାବାଗ ପୋଲିସ ଜଣେ ଦଲାଲଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ହେଲେ ଯୋବ୍ରା ମୁରାଦଖାଁପାଟଣାର ସୀମାଦ୍ରି ନାଏକ(୨୮)। ସେ ଏସ୍‌ସିବିରେ ଝାଡୁଦାର ଭାବେ କାର୍ଯ୍ୟ କରୁଥିଲେ। ବାଲେଶ୍ୱର ଜିଲା କଣ୍ଟାପଡା ଉତ୍ତର ଛକ ଗ୍ରାମର ନରେଶ ଦାସଙ୍କ ବଡବାପା ରୋଗରେ ଆକ୍ରାନ୍ତ ହୋଇ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ଏଠାରେ ସୀମାଦ୍ରି ଆଇସିୟୁ ବେଡ୍ ଯୋଗାଇଦେବା ପାଇଁ ନରେଶଙ୍କୁ ୬ ହଜାର ଟଙ୍କା ମାଗିଥିଲେ। ନରେଶ ପ୍ରଥମ ପର୍ଯ୍ୟାୟରେ ତାଙ୍କୁ ୧୫୦୦ ଟଙ୍କା ଦେଇଥିଲେ। ଏହାପରେ ସେ ଫେରାର ହୋଇଯାଇଥିଲେ। ଏ ନେଇ ନରେଶ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୫/୨୨) ରୁଜୁ କରିଛି।

## ସରପଞ୍ଚ ପ୍ରାର୍ଥୀଙ୍କ ନିର୍ବାଚନ ପ୍ରଚାର

**ଖୁଣ୍ଟୁଣୀ,୧୮।୨(ଡି.ଏନ.ଏ):** ଆଠଗଡ଼ ବ୍ଲକ ଅଧୀନ ମଞ୍ଚେଶ୍ୱର ପଞ୍ଚାୟତରେ ସରପଞ୍ଚ ପ୍ରାର୍ଥିନୀ ରତ୍ନମଞ୍ଜରୀ ଖଟୁଆ ଶୁକ୍ରବାର ନିର୍ବାଚନ ପ୍ରଚାର କରିଥିଲେ। ସେ ଧବଳେଶ୍ୱର ଓ ପଣ୍ଡେଇ ଠାକୁରାଣୀଙ୍କ ପାଖରେ ପୂଜାର୍ଚ୍ଚନା କରି ତାଙ୍କ ସମର୍ଥକଙ୍କ ସହ ଲିଙ୍ଗାପଡା, ବିଦ୍ୟାଧରପୁର, ପାଇକେରାପୁର, ସୁନିଆଁମୁହଁ, ବ୍ରାହ୍ମଣବସ୍ତ, ନାରଙ୍ଗବସ୍ତ, ନୂଆଡ଼ିହ, ପ୍ରସନ୍ନାପୁର, ବିଷ୍ଣୁପୁର ଗ୍ରାମରେ ଶୋଭାଯାତ୍ରା କରି ନିଜ ସପକ୍ଷରେ ଭୋଟ ଦେବା ପାଇଁ ଗ୍ରାମବାସୀଙ୍କୁ ନିବେଦନ କରିଥିଲେ। ଏହି ପ୍ରଚାରରେ ମଞ୍ଚେଶ୍ୱର ପଞ୍ଚାୟତର ପୂର୍ବତନ ସରପଞ୍ଚ କିରଣ ବିହାରୀ ଖଟୁଆ, ଶରତ ରାଉତ, କାଶୀନାଥ ଖଟୁଆ, ରାମଚନ୍ଦ୍ର ପତ୍ରୀ, ଚଗଲି ସାହୁ, ବଂଶୀଧର ବେହେରା ପ୍ରମୁଖ ସାମିଲ ହୋଇଥିଲେ।

## ନିଶା କାରବାର ରୋକିବା ଦାବିରେ ବିକ୍ଷୋଭ

**କଟକ ଅଫିସ, ୧୮।୨:** ବେଆଇନ ନିଶା କାରବାର ବିରୋଧରେ ପଦକ୍ଷେପ ନେବା ଦାବିରେ କଟକ ନଗର ଛାତ୍ର କଂଗ୍ରେସ କମିଟି ପକ୍ଷରୁ ଡିସିପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହାପରେ ଦଳ ପକ୍ଷରୁ ଡିସିପିଙ୍କ ଉଦ୍ଦେଶ୍ୟରେ ଜଣେ ପୋଲିସ ଅଧିକାରୀ କୃଷ୍ଣଚନ୍ଦ୍ର ସେଠୀଙ୍କୁ ଏକ ସ୍ମାରକପତ୍ର ଦିଆଯାଇଥିଲା। ନଗର ଜିଲା ଛାତ୍ର କଂଗ୍ରେସ କମିଟି ସଭାପତି ସୌମ୍ୟ ରଞ୍ଜନ ଦାସ କହିଛନ୍ତି, ସହରରେ ବେଆଇନ ନିଶା କାରବାର ବୃଦ୍ଧି ପାଉଛି। ନିଶା କବଳରେ ବହୁ ସଂଖ୍ୟକ ଛାତ୍ର ଓ ଶିକ୍ଷିତ ବେକାର ଯୁବକମାନେ ପଡି ବିପଥଗାମୀ ହେଉଛନ୍ତି। ଏଣୁ ନିଶା କାରବାର ଉପରେ କଡା ନଜର ରଖିବା ସହ ଚୋରା ନିଶା କାରବାରକୁ ରୋକିବା ଦିଗରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ କହିଛନ୍ତି। କମିଟି ସଭାପତି ଦାସଙ୍କ ନେତୃତ୍ୱରେ ସୌମ୍ୟ ରଞ୍ଜନ ଦାସ, ଆର୍ଯ୍ୟବୀର ଲେଙ୍କା, ବିକି ଚକ୍ରବର୍ତ୍ତୀ, ସନ୍ତୋଷ ପାତ୍ର, ସହିଲ ପରଭେଜ, ଶୁଭ୍ରଜିତ ଦାସ, ରାକେଶ ଦାସ, ଶୁଭଲକ୍ଷ୍ମୀ ବିଶ୍ୱାଳ, ଅଭିଷେକ ନାୟକ ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିଥିଲେ।



ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଅସୀମ ବସୁ ଫାଉଣ୍ଡେଶନ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ଅସୀମ ନାଟ୍ୟ ଉତ୍ସବର ଶୁକ୍ରବାର ଶେଷ ସନ୍ଧ୍ୟାରେ ପରିବେଷିତ ନାଟକ 'ଦଶାବତାର'ର ଏକ ଦୃଶ୍ୟ।

## ପ୍ରଚାର ଶେଷଦିନରେ ପ୍ରାର୍ଥୀଙ୍କ ରୋଡ୍'ଶୋ

କଣ୍ଟାପଡା, ୧୮।୨(ଡି.ଏନ୍.ଏ.)

କଣ୍ଟାପଡା ବ୍ଲକର ୧୪ଟି ପଞ୍ଚାୟତରେ ଆସନ୍ତା ୨୦ରେ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରଚାର ଓ ରୋଡ୍ ଶୋ' ଶୁକ୍ରବାର ଶେଷ ହୋଇଛି। ଶେଷଦିନରେ ବିଭିନ୍ନ ପଞ୍ଚାୟତରେ ସରପଞ୍ଚ ଓ ସମିତିସଭ୍ୟ ପ୍ରାର୍ଥୀ ରୋଡ୍ ଶୋ' କରି ଭୋଟରଙ୍କୁ ଆକୃଷ୍ଟ କରିଛନ୍ତି। ବ୍ରାହ୍ମଣବାଟି ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ସୁବ୍ରତ ପାତ୍ର, ସମିତିସଭ୍ୟ ପ୍ରାର୍ଥୀ ରାଜେନ୍ଦ୍ର ଆଚାର୍ଯ୍ୟ ସମର୍ଥକଙ୍କ ସହ ରୋଡ୍ ଶୋ' କରିଥିବାବେଳେ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ସରପଞ୍ଚ ପ୍ରାର୍ଥୀ ସଞ୍ଜୟ ରାଉତରାୟ ଓ ସମିତିସଭ୍ୟ ପ୍ରାର୍ଥୀ ବୁଧନାଥ ବେହେରା ରୋଡ୍'ଶୋ କରି ନିଜ ସପକ୍ଷରେ ଭୋଟ୍ ଦେବାକୁ ଭୋଟରଙ୍କୁ ନିବେଦନ କରିଥିଲେ। ସେହିପରି କଣ୍ଟାପଡା ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ନିର୍ମଳ ସାହୁ ଓ ସମିତିସଭ୍ୟ ପ୍ରାର୍ଥୀ ପବିତ୍ର ସ୍ୱାଇଁ ସମର୍ଥକମାନଙ୍କ ସହ ବାଇରୋଇ ଗ୍ରାମରେ ନିର୍ବାଚନୀ ପ୍ରଚାର କରିଥିଲେ। ବ୍ରାହ୍ମଣସାଇଲୋ ପଞ୍ଚାୟତର ସରପଞ୍ଚ ପ୍ରାର୍ଥିନୀ ସ୍ୱେତାଲୀନା ଜେନା ନେତକୁଣ୍ଡି, ଉଡିଯୋହଳ, ବ୍ରାହ୍ମଣସାଇଲୋ ଓ କୂଳ ବ୍ରାହ୍ମଣସାଇଲୋ ଗ୍ରାମରେ ପଦଯାତ୍ରା କରି ଲୋକମାନଙ୍କୁ ନିଜ ସପକ୍ଷରେ ଭୋଟ୍ ଦେବାକୁ କହିଥିଲେ। ସେହିପରି ନାହାଳପୁର ପଞ୍ଚାୟତର ସରପଞ୍ଚ ପ୍ରାର୍ଥିନୀ ଜ୍ୟୋତିର୍ମୟୀ ପଲାଇ ସମର୍ଥକଙ୍କ ସହ ଘରକୁ ଘର ବୁଲି ଲୋକମାନଙ୍କୁ ଭୋଟ ଦେବା ପାଇଁ କହିଥିଲେ।

# ଲାବନ୍ୟାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଏବିଭିପିର ବିକ୍ଷୋଭ

କଟକ ଅଫିସ,୧୮।୨

ଛାତ୍ରୀ ଲାବନ୍ୟାଙ୍କୁ ନ୍ୟାୟ ଦେବା ଓ ପୋଲିସ ଗିରଫ କରିଥିବା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର କର୍ମକର୍ତ୍ତାଙ୍କୁ ଛାଡ଼ିବା ଦାବି ନେଇ ଏବିଭିପି କଟକ ଜିଲା ପକ୍ଷରୁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସଙ୍ଗଠନ ପକ୍ଷରୁ କୁହାଯାଇଛି, ତାମିଲନାଡୁ ତାଞ୍ଜାଭୁର ଜିଲାର ସେକ୍ରେଡ଼ ହାର୍ଟ ମିଶନାରି ସ୍କୁଲରେ ଛାତ୍ରୀ ଲାବନ୍ୟାଙ୍କ ଆତ୍ମହତ୍ୟା ଘଟଣାରେ ତାମିଲନାଡୁ ସରକାର କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିନାହାନ୍ତି। ଏହାକୁ ବିରୋଧ କରି ଏବିଭିପିର ରାଷ୍ଟ୍ରୀୟ ସାଧାରଣ ସମ୍ପାଦିକା ନିଧି ତ୍ରିପାଠୀ ଓ ୩୫ଜଣ କାର୍ଯ୍ୟକର୍ତ୍ତା ତାମିଲନାଡୁର ମୁଖ୍ୟମନ୍ତ୍ରୀ ଭବନ ନିକଟରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିଥିଲେ। ହେଲେ ସେଠାକାର ପୋଲିସ ତାଙ୍କୁ ଗିରଫ କରିଥିଲା। ଏଣୁ ଲାବନ୍ୟା ଘଟଣାର ସିବିଆଇ ତଦନ୍ତ ଦାବି ସହ ଗିରଫ ହୋଇଥିବା ଏବିଭିପି କାର୍ଯ୍ୟକର୍ତ୍ତାଙ୍କୁ ତୁରନ୍ତ ମୁକୁଳାଇବା ପାଇଁ ଦାବି କରି ସଙ୍ଗଠନ ଆନ୍ଦୋଳନକୁ ଓହ୍ଲାଇଛି। ଲାବନ୍ୟାଙ୍କୁ ନ୍ୟାୟ ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି। ଏହି ବିକ୍ଷୋଭରେ ଏବିଭିପିର କେନ୍ଦ୍ରୀୟ କାର୍ଯ୍ୟ ସମିତି ସଦସ୍ୟା ସଙ୍ଗୀତା ପଣ୍ଡା, ଜିଲା ସଂଯୋଜକ ଓମ୍ ବିଶ୍ୱଜିତ ସ୍ୱାଇଁ, ଓମ୍ ପ୍ରକାଶ ପଣ୍ଡା, ଛାତ୍ରନେତା ସୁଶୀଳ ନନ୍ଦ, ଜଗଦୀଶ ଜେନା, ସୁଶୀଲ ମିଶ୍ର, ଚିନ୍ମୟୀ ସାହୁ, ପ୍ରିୟଦର୍ଶିନୀ ପୃଷ୍ଟି, ଦୀପକ ବାରିକ ପ୍ରମୁଖ ସାମିଲ ହୋଇଥିଲେ।

# ବୁଥ୍‌ରେ ବଦଳିଲା ବାଲଟ ବାକ୍ସ

ନିଶ୍ଚିନ୍ତକୋଇଲି,୧୮।୨(ସ୍ୱ.ପ୍ର)

୨ୟ ପର୍ଯ୍ୟାୟ ନିର୍ବାଚନ ସମୟରେ ନିଶ୍ଚିନ୍ତକୋଇଲି ବ୍ଲକ ନତକାଇ ପଞ୍ଚାୟତର ଏକ ବୁଥ୍ ଭିତରେ ଶୁକ୍ରବାର ବାଲଟ ବାକ୍ସ ବଦଳାଯାଇଥିଲା। ଏହି ବୁଥ୍‌ରେ ବାଲଟ ବକ୍ସ ସିଲ୍ କରିବା ସମୟରେ ଖରାପ ହୋଇଯାଇଥିଲା। ଏହା ବନ୍ଦ ନ ହେବାରୁ ଖୋଲାଯାଇ ଅନ୍ୟ ଏକ ବାଲଟ୍ ବାକ୍ସ ଭିତରେ ମତଦାନ ଦିଆଯାଇଥିବା ପେପରଗୁଡ଼ିକୁ ରଖାଯାଇଥିଲା। ଉକ୍ତ ବାକ୍ସକୁ ସିଲ୍ କରାଯାଇ ଷ୍ଟ୍ରଙ୍ଗରୁମ୍‌କୁ ଅଣାଯାଇଥିଲା। ଏଜେଣ୍ଟ ଓ ପ୍ରାର୍ଥୀଙ୍କ ଉପସ୍ଥିତିରେ ଭିଡିଓ ରେକର୍ଡିଂ କରାଯାଇ ଏହି ପ୍ରକ୍ରିୟା କରାଯାଇଥିଲା। ଏନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ବାଲଟ ବକ୍ସ ଠିକ୍ ଭାବେ ତନଖି ହୋଇ ନ ଥିବାରୁ ଏଭଳି ଘଟଣା ଘଟିଥିବା ସାଧାରଣରେ ଚର୍ଚ୍ଚା ହୋଇଛି। ଏ ସମ୍ପର୍କରେ ନିର୍ବାଚନ ଅଧିକାରୀ କର୍ଣ୍ଣଦେବ ସମାଦ୍ଦାର କୁହନ୍ତି, ଯାନ୍ତ୍ରିକ ତ୍ରୁଟି ଯୋଗୁ ବୁଥ୍‌ରେ ବାଲଟ ବାକ୍ସ ବଦଳା ଯାଇଛି। ଏଜେଣ୍ଟଙ୍କ ଉପସ୍ଥିତିରେ ସରକାରୀ ନିୟମ ଅନୁଯାୟୀ ଏହି କାର୍ଯ୍ୟ କରାଯାଇଛି।

# ଏସ୍‌ସିବିରେ ହୁଇଲ ଚେୟାର, ଷ୍ଟ୍ରେଚର ଯୋଗାଇବାକୁ ଦାବି

କଟକ ଅଫିସ, ୧୮।୨

ଏସ୍‌ସିବି ମେଡିକାଲରେ ହୁଇଲ ଚେୟାର, ଷ୍ଟ୍ରେଚରର ଅଭାବ ଏବଂ ଅସହାୟ, ଅପରିଚିତ ରୋଗୀଙ୍କ ସେବାରେ ଅବହେଳା ଓ ଦୁର୍ବ୍ୟବହାର ବିରୋଧରେ ହିନ୍ଦୁସେନା ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ଜେନାଙ୍କୁ ଏକ ଦାବିପତ୍ର ଦିଆଯାଇଛି। ସଙ୍ଗଠନ ପକ୍ଷରୁ କୁହାଯାଇଛି, ଏସ୍‌ସିବି ମେଡିକାଲକୁ ରାଜ୍ୟର ବିଭିନ୍ନ ସ୍ଥାନରୁ ରୋଗୀ ଆସୁଛନ୍ତି। ହେଲେ ଏଠାରେ ଗୁରୁତର ରୋଗୀଙ୍କୁ ନେବାଆଣିବା ପାଇଁ ହୁଇଲ ଚେୟାର ଓ ଷ୍ଟ୍ରେଚରର ଘୋର ଅଭାବ ଦେଖାଯାଉଛି। ଏହାଦ୍ୱାରା ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କୁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ସେହିପରି ଚିକିତ୍ସାଳୟରେ ଅସହାୟ ଓ ଅପରିଚିତ ରୋଗୀଙ୍କ ସେବା ପାଇଁ ଏକ ଘରୋଇ ସଂସ୍ଥାକୁ ନିୟୋଜିତ କରାଯାଇଛି। ହେଲେ ଏହି ସଂସ୍ଥାର ଆଟେଣ୍ଡାଣ୍ଟମାନେ ଉକ୍ତ ରୋଗୀଙ୍କୁ ସେବା ଯୋଗାଇବାରେ ଅଣଦେଖା କରୁଥିବା ଅଭିଯୋଗ ହେଉଛି। ଏଣୁ ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପର୍ଯ୍ୟାପ୍ତ ପରିମାଣର ହୁଇଲ ଚେୟାର, ଷ୍ଟ୍ରେଚର ଯୋଗାଇଦେବା ଓ ଘରୋଇ ସଂସ୍ଥା ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି। ସଙ୍ଗଠନର ରାଜ୍ୟ ସଭାପତି ଦେବାଶିଷ ରାଉତ, ମୁଖ୍ୟ ଉପଦେଷ୍ଟା ସୁଜିତ ଦାସ, ଜିଲା ସଭାପତି ଆଶିଷ ମହାପାତ୍ର, ସାଧାରଣ ସମ୍ପାଦକ ହରିଚନ୍ଦନ ନାୟକ, କୋଷାଧକ୍ଷ ଅଭିଷେକ ଜେନା ଓ ଅଶୋକ ସାହୁ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

## ବନଖଣ୍ଡ କାର୍ଯ୍ୟାଳୟ ଆଗରେ ହାତୀ ସାଥୀଙ୍କ ଧାରଣା

ଆଠଗଡ଼,୧୮।୨(ସ୍ୱ.ପ୍ର.)

ଆଠଗଡ଼ ବନଖଣ୍ଡ କାର୍ଯ୍ୟାଳୟ ସମ୍ମୁଖରେ ହାତୀ ସାଥୀମାନେ ଶୁକ୍ରବାର ଧାରଣାରେ ବସିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ୫ ମାସ ହେଲା ଦରମା ମିଳିନାହିଁ। ଏବେ ବିଭାଗ ପକ୍ଷରୁ ଗୋଟିଏ ମାସର ଦରମା ମିଳିଛି। ହାତୀ ସାଥୀମାନଙ୍କ ନିଯୁକ୍ତି ବେଳେ ବିଭାଗ ପକ୍ଷରୁ ମାସିକ ୫ ହଜାର ଟଙ୍କା ଲେଖାଏ ଦରମା ଦେବାକୁ କୁହାଯାଇଥିଲା। ଏବେ ତାହା ଖସି ଏକ ହଜାର ଟଙ୍କାରେ ପହଞ୍ଚିଛି। ହାତୀ ସାଥୀମାନଙ୍କ ପାଇଁ ବିଭାଗୀୟସ୍ତରରେ ଯେଉଁ ପାଣ୍ଠି ମିଳେ ତାହା ଗତ ୫ ମାସ ହେଲା ବନ୍ଦ ହୋଇଯାଇଛି। ଏ ସମ୍ପର୍କରେ ଆଠଗଡ଼ ବନାଞ୍ଚଳ ଅଧିକାରୀ ଗଜେନ୍ଦ୍ର ପାଲ ସିଂ ମାଥୁର କହିଛନ୍ତି, ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଏ ବାବଦରେ ଲେଖା ଯାଇଛି। ଟଙ୍କା ଆସିଲେ ହାତୀ ସାଥୀମାନଙ୍କୁ ଦିଆଯିବ। ଆନ୍ଦୋଳନକାରୀଙ୍କ ସହ ଏ ବିଷୟରେ ଆଲୋଚନା ହୋଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ପ୍ରଦ୍ୟୁମ୍ନ



@ ଅଂଶୁମାନ



@ ସୌମ୍ୟରଞ୍ଜନ



@ ଭରତ



@ ଅଭିମନ୍ୟୁ



@ ମଙ୍ଗରାଜ

## ସରପଞ୍ଚ ପ୍ରାର୍ଥୀଙ୍କୁ ଆକ୍ରମଣ, ଉତ୍ତେଜନା

କଣ୍ଟାପଡା,୧୮।୨(ଡି.ଏନ୍.ଏ.)

ଗୋବିନ୍ଦପୁର ଥାନା ଅନ୍ତର୍ଗତ ଡିମିରି ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ଅଭିଷେକ ମହାପାତ୍ରଙ୍କୁ ଶୁକ୍ରବାର ସନ୍ଧ୍ୟାରେ ଆକ୍ରମଣ କରାଯାଇଥିବା କଟକ ସଦର ଏସ୍‌ଡିପିଓଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ପାଇ ଏସ୍‌ଡିପିଓ ସୁବାସ ଚନ୍ଦ୍ର ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଅଭିଯୋଗ ଅନୁଯାୟୀ, ସନ୍ଧ୍ୟାରେ ଅଭିଷେକ ଓ ସମିତିସଭ୍ୟା ପ୍ରାର୍ଥିନୀ ରୋଜାଲିନ ବେହେରା ଡିମିରି ଗ୍ରାମର ନାୟକସାହିରେ ପ୍ରଚାର କରୁଥିବାବେଳେ କେତେଜଣ ଯୁବକ ଘଟଣାସ୍ଥଳରେ ପହଞ୍ଚି ଗାଳିଗୁଲଜ କରିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଯୁବକ ପାଖରେ ରଖିଥିବା ବନ୍ଧୁକରେ ଅଭିଷେକଙ୍କ ଛାତିକୁ ଆକ୍ରମଣ କରିଥିଲେ। ଚିକିତ୍ସାଲାଗି ତାଙ୍କୁ ଅଡଶପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଏହି ଘଟଣାକୁ ନେଇ ଡିମିରି ପଞ୍ଚାୟତରେ ଉତ୍ତେଜନା ପ୍ରକାଶ ପାଇଥିବାବେଳେ ଶତାଧିକ ମହିଳାପୁରୁଷ ଅଡଶପୁରସ୍ଥିତ କଟକସଦର ଏସଡିପିଓଙ୍କ କାର୍ଯ୍ୟାଳୟରେ ପହଞ୍ଚି ଅଭିଯୁକ୍ତଙ୍କ ଗିରଫ ଦାବି କରିଥିଲେ। ଏ ସମ୍ପର୍କରେ ଏସଡିପିଓ ପଣ୍ଡା କହିଛନ୍ତି, ଅଭିଯୋଗ ପାଇବାପରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛୁ। ଆଇନଶୃଙ୍ଖଳା ରକ୍ଷା କରିବା ଉଦ୍ଦେଶ୍ୟରେ ପୋଲିସ ପକ୍ଷରୁ ଡିମିରି, ଗୋପାଳ ନଗର ଓ କୁସୁନ୍ଦପୁର ଗ୍ରାମରେ ପାଟ୍ରୋଲିଂ କଡ଼ାକଡ଼ି କରାଯାଇଛି।




ତାମିଲନାଡୁର ଛାତ୍ରୀ ଲାବନ୍ୟାଙ୍କୁ ନ୍ୟାୟ ଦାବିରେ ଶୁକ୍ରବାର ଏବିଭିପି ପକ୍ଷରୁ ଖୋର୍ଦ୍ଧାସ୍ଥିତ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।



କଟକ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ସୂର୍ଯ୍ୟ ନମସ୍କାର ଓ ସମୂହ ଯୋଗ ଶିବିର।



ରାଷ୍ଟ୍ରପତିଙ୍କ ପୁରୀ ଗସ୍ତ ପାଇଁ ଜିଲା ପ୍ରଶାସନ ଆଇନ୍ ଉଲ୍ଲଂଘନ କରୁଥିବା ଅଭିଯୋଗ ଆଣି ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଶୁକ୍ରବାର ଉପଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଛି।